ଓଡ଼ିଶା ମାଷ୍ଟର୍ସ ୨୦୨୪ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା : ମାନବ ଚୌଧୁରୀ ବିଜୟୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୧୨ ● ୧୧ ଡିସେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-312 ● 11th December 2024, Wednesday ● Bhubaneswar | Licensed to post without pre-payment of postage No- BN-60/25-27

## ରାଜଧାନୀର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ପୂରଣ ପାଇଁ

# ଏକାଧିକ ସଡ଼କ, ଫ୍ଲାଇଓଭର, ରେଲ ଓଭର ବ୍ରିଜ ଓ ରିଂ ରୋଡ ନିର୍ମାଣ ପାଇଁ ଯୋଜନା

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ଗାଡି ଚଳାଚଳ ଓ ଟ୍ରାଫିକ ବ୍ୟବସ୍ଥାକୁ ଉପଯୋଗୀ ଓ ସହଜ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି।

ଭୁବନେଶ୍ୱର ସହରର ଗାଡି ଚଳାଚଳ ଓ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ପୂର୍ତ୍ତ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ପାଇଁ ବିଭିନ୍ନ ସଡ଼କ ପ୍ରକଳ୍ପ ଯୋଜନା ଉପରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉପସ୍ଥାପନ ରଖା ଯାଇଥିଲା।



ଏହି ଉପସ୍ଥାପନାରେ ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ନୂତନ ରାସ୍ତା, ଦୟା ୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେସନ ଛକ ଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଂରୋଡ, ସୁନ୍ଦରପଦା-ଜଟଣୀ ରାସ୍ତାର ଉନ୍ନତିକରଣ, ପିତାପଲ୍ଲୀ-ତ୍ରିଶୂଳିଆ ରାସ୍ତାର ଇନ୍‌ଷ୍ଟିଚ୍ୟୁଟ ଅଫ ମାଥମେଟିକ୍‌ସ ଠାରୁ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତା, କଳ୍ପନା ଛକ-ମ୍ୟୁଜିୟମ-ରବି ଟକିଜ ନୂତନ ଫ୍ଲାଇ ଓଭର, ଶିଶୁଭବନ-ମାଉସୀମା ମଧ୍ୟରେ ଆଉ ଏକ ରୋଡ ଓଭର ବ୍ରିଜ୍, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଂ ରୋଡ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତାବିତ ତଥ୍ୟ ଉପସ୍ଥାପନ କରାଯାଇଥିଲା।

ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ (ପୃଷ୍ଠା ୭ରେ)

## ମିଶନ ଶକ୍ତି ସପୋର୍ଟ ଷ୍ଟାଫ୍‌ଙ୍କ ବକେୟା ଦରମା ପ୍ରସଙ୍ଗ

# ଦ୍ୱିତୀୟ ଦିନ ପାଇଁ ଗୃହରେ ବିରୋଧୀ-ଶାସକ ମୁହାଁମୁହିଁ

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ମିଶନ ଶକ୍ତି ସପୋର୍ଟ ଷ୍ଟାଫ୍ ଭାବେ କାମ କରୁଥିବା ହଜାର ହଜାର ସଂଖ୍ୟାରେ ମହିଳା କର୍ମୀ ବକେୟା ଦରମା ପାଇବା ଦାବିରେ ଗଲା ଦୁଇ ଦିନ ଧରି ରାଜଧାନୀର ରାଜରାସ୍ତାରେ ଆନ୍ଦୋଳନ ଚଳାଇଥିବା ବେଳେ ବିଧାନସଭାରେ ଏହି ପ୍ରସଙ୍ଗକୁ ନେଇ ବିରୋଧୀ-ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି । ସୋମବାର ଭଳି ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ୍ୟ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ମିଳିତ ଭାବେ ମହିଳା କର୍ମଚାରୀଙ୍କ ସମସ୍ୟା ପ୍ରତି ସମ୍ବେଦନହୀନତା ଓ ଅବହେଳା ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ । ଅନ୍ୟପକ୍ଷରେ ଶାସକ ଦଳର ବିଧାୟକମାନେ ବିରୋଧୀ ଦଳକୁ ପାଲଟା ଜବାବ ଦେବାକୁ ଯାଇ ଆଉ କୁମ୍ଭୀରକାନ୍ଦଣା କାନ୍ଦ ନାହିଁ ବୋଲି କହିବା ସହ ଉପୁଜିଥିବା ସମସ୍ୟା ପାଇଁ ପୂର୍ବ ସରକାରଙ୍କୁ ଦୋଷାରୋପ କରିଥିଲେ । ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା କ୍ଷଣି ବାଚସ୍ପତି ସୁରମା ପାଢୀ ପଞ୍ଚାୟତିରାଜ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ଡାକିଥିଲେ । ତଦନୁସାରେ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରାରମ୍ଭିକ ଉତ୍ତର ରଖୁଥିବା ବେଳେ ହଠାତ୍ ବିଜେଡ଼ି ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଚାଲିଆସି ପୂର୍ବ ଦିନ ପରି ମିଶନଶକ୍ତି ମହିଳା କର୍ମଚାରୀଙ୍କ ଆନ୍ଦୋଳନ ପ୍ରସଙ୍ଗ ଓ ବକେୟା ଦରମା ପ୍ରଦାନ ଦାବି ଉପରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ପାଇଁ ଆହ୍ୱାନ ଜଣାଇଥିଲେ ଏବଂ ଏହା ଉପରେ ଆଲୋଚନା ଦାବି କରିଥିଲେ । ଅନୁରୂପ ଭାବେ କଂଗ୍ରେସ ବିଧାୟକମାନେ ମଧ୍ୟ ଏହି ଦାବିକୁ ସମର୍ଥନ ଜଣାଇ ଗୃହ ମଝିକୁ ଆସିଥିଲେ । ବାଚସ୍ପତି ଶ୍ରୀମତୀ ପାଢୀ ବିରୋଧୀ ଦଳ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଅନୁରୋଧ କରିଥିଲେ । ହେଲେ ବିରୋଧୀ ଦଳର ବିଧାୟକମାନେ ବାଚସ୍ପତିଙ୍କ ଅନୁରୋଧକୁ କର୍ଣ୍ଣପାତ ନକରି ସେମାନଙ୍କର ଦାବି ଜାରି ରଖିଥିଲେ । ବାଚସ୍ପତି ଠିଆ ହୋଇ ହାତଯୋଡି ବିରୋଧୀ ଦଳ ବିଧାୟକମାନଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ଗୃହରେ ହଟଗୋଳଜନିତ ଅଚଳାବସ୍ଥା ଲାଗି ରହିବାରୁ ବାଧ୍ୟ ହୋଇ ବାଚସ୍ପତି ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଏହାଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା । ଏହା ପରେ ଶୂନ୍ୟକାଳରେ ମଧ୍ୟ ଏହି ପ୍ରସଙ୍ଗ ପୁନର୍ବାର ଗୃହରେ ଉଠିଥିଲା । ବିରୋଧୀ ଦଳରୁ ବିଧାୟକ ସର୍ବଶ୍ରୀ ଧ୍ରୁବଚରଣ ସାହୁ, ରାମଚନ୍ଦ୍ର କାଡାମ, ଅଶୋକ କୁମାର ଦାସ, ରଣେନ୍ଦ୍ରପ୍ରତାପ ସ୍ୱାଇଁ, ସାରଦା ପ୍ରସାଦ ଜେନା ପ୍ରମୁଖ ମିଶନଶକ୍ତି ସପୋର୍ଟ ଷ୍ଟାଫ୍‌ଙ୍କ ଆନ୍ଦୋଳନ ଦୃଷ୍ଟିରୁ ରାଜ୍ୟ ସରକାର ତୁରନ୍ତ ସେମାନଙ୍କ ଦାବି ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ଏହାର ସମାଧାନ କରିବା ପାଇଁ ଅନୁରୋଧ ଜଣାଇଥିଲେ । ରାଜ୍ୟ ସରକାର କାହିଁକି ଦୁଇ ଦିନ ହେବ ସେମାନଙ୍କୁ ଆଲୋଚନାକୁ ଡାକି ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ । ମହିଳାମାନେ ବହୁ ସଂଖ୍ୟାରେ ରାଜଧାନୀର ରାଜରାସ୍ତାରେ ଶୀତକାକରରେ ପଡିଥିବା ବେଳେ ସରକାର ଏତେ ସମ୍ବେଦନହୀନ କିପରି ହୋଇପାରୁଛନ୍ତି ବୋଲି ମଧ୍ୟ ସେମାନେ ପ୍ରଶ୍ନ ଉଠାଇଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଗୃହରେ ଉଠିଥିଲା ।

## ଦୁର୍ନୀତିରେ ମାତିଛନ୍ତି ସରକାରୀ ବାବୁ! ୫ ବର୍ଷରେ ଧରା ପଡ଼ିଛନ୍ତି ୪୪୭

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଲାଞ୍ଚ ନେବା ଏକ ଦଣ୍ଡନୀୟ ଅପରାଧ। ଭିଜିଲାନ୍ସ ସଚେତନତା ସପ୍ତାହରେ ପ୍ରତିବର୍ଷ ସରକାରୀ ବାବୁମାନେ ଶପଥ ନେଉଛନ୍ତି। ତଥାପି ବାବୁମାନେ ଲାଞ୍ଚ ନେଇ ମାଲାମାଲ ହେଉଛନ୍ତି। ଆଉ ପରବର୍ତ୍ତୀ ସମୟରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଧରାପଡୁଛନ୍ତି ସରକାର ବାବୁ। ମିଳିଥିବା ସୂଚନା ଅନୁସାରେ ଗତ ୫ ବର୍ଷରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୪୪୭ ଜଣ ସରକାରୀ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟରେ ଦୁର୍ନୀତି ନିବାରଣ ବିଭାଗ ୨୦୧୯ ଜାନୁଆରୀ ୧ ତାରିଖରୁ ୨୦୨୩ ଡିସେମ୍ବର ୩୧ ଭିତରେ ୪୪୭ ଜଣ ସରକାରୀ ବାବୁଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ ହୋଇଛି । ସେହିପରି ୫୯୪ ଜଣ (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ୧୭ରୁ ରତ୍ନଭଣ୍ଡାର ମରାମତି ଆରମ୍ଭ : ତିନି ମାସରେ ସରିବ କାମ

ପୁରୀ, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୭ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଆରମ୍ଭ ହେବ। ମଙ୍ଗଳବାର ବସିଥିବା ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏହି ସୂଚନା ଦେଇଛନ୍ତି । ଦ୍ୱିତୀୟ ଭୋଗ ମଣ୍ଡପ ପରେ ମରାମତି ଆରମ୍ଭ ହେବ । ଏଥିପାଇଁ ଦ୍ୱାର ଫିଟା ନୀତି ରାତି ୨ଟାରୁ ଆରମ୍ଭ ହେବ ବୋଲି କୁହାଯାଇଛି।

ତେବେ ଶନିବାର, ରବିବାର ଓ ବିଶେଷ ଦିନ ମାନଙ୍କରେ ମରାମତି ନ କରିବାକୁ କୁହାଯାଇଛି । ମରାମତି ଦିନ ମାନଙ୍କରେ ବାହାର କାଠ ନିକଟରୁ ଦର୍ଶନ କରିପାରିବେ ଭକ୍ତ। ମରାମତି କାର୍ଯ୍ୟ ସମୟରେ ରାତି





୧୧ଟା ୩୦ ସୁଦ୍ଧା ପହୁଡ଼ କରାଯାଇ ରାତି ୨ଟାରେ ଦ୍ୱାରଫିଟା ନୀତି ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମରାମତି କାମ ୩ ମାସ ମଧ୍ୟରେ ସାରିବାକୁ କହିଛି ଏଏସ୍‌ଆଇ। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁସାରେ ମରାମତି କାମ କରାଯିବ। ମରାମତି କାମ ସରିବା ପରେ ଅସ୍ଥାୟୀ ରତ୍ନ ଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତରଣ କରାଯିବ ଏବଂ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତରଣ ପରେ ହେବ ଗଣତି, ମଣତି କାମ।

ଗତ ଜୁଲାଇରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ପାଇଁ ଖୋଲାଯାଇଥିଲା। ସମସ୍ତ ଅଳଙ୍କାର ସିନ୍ଧୁକରେ ନେଇ ଶ୍ରୀମନ୍ଦିରରେ କରାଯାଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ପୂର୍ବରୁ କାର୍ତ୍ତିକ ମାସ ପରେ ରତ୍ନଭଣ୍ଡାର ମରାମତି କରାଯିବ ବୋଲି କୁହାଯାଇଥିଲା।

# ଜାନୁଆରୀରେ ଓଡ଼ିଶା ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ବର୍ଷ ଜାନୁଆରୀ ୨୮ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫' ପାଇଁ ପ୍ରଥମ ଭାବେ ପାର୍ଟନର ହେବ ସିଙ୍ଗାପୁର। ଓଡ଼ିଶା ଗସ୍ତରେ ଆସିଥିବା ସିଙ୍ଗାପୁରର ହାଇ କମିଶନର ସାଇମନ ୱଙ୍ଗ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଏକ ବୈଠକରେ ଏକାଠି ହେବା ପରେ ଏହି ଘୋଷଣା କରାଯାଇଛି । ଏଥିସହିତ ୱଙ୍ଗ କହିଛନ୍ତି ଯେ ଜାନୁଆରୀରେ ଭାରତ ଗସ୍ତ ସମୟରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶାନମୁଗୁରୁତମ ଓଡ଼ିଶା ଗସ୍ତ କରିବେ।

ୱଙ୍ଗ କହିଛନ୍ତି (ପୃଷ୍ଠା ୭ରେ)



# ଓଡ଼ିଶାରେ ଚାଲିବ ଡବଲ ଡେକର୍ ଟେଣ୍ଡର ଆହ୍ୱାନ କଲା କ୍ରୁଟ

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଖୁବଶୀଘ୍ର ଓଡ଼ିଶାରେ ଗଡ଼ିବ ଦୁଇ ଥାକିଆ ବସ୍ । କ୍ୟାପିଟାଲ ରିଜିଅନ ସହରୀ ପରିବହନ (କ୍ରୁଟ)ପକ୍ଷରୁ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଖୋର୍ଦ୍ଧା, ପୁରୀ, କଟକ ଜିଲ୍ଲା ପାଇଁ ଏହି ଯୋଜନା କରାଯାଇଛି । ଏହି ଦୁଇ ଥାକିଆ ବସ ଗୁଡ଼ିକ ଇଲେକ୍ଟ୍ରିକ ହୋଇଥିବାରୁ ପ୍ରଦୂଷଣ ଉପରେ ମଧ୍ୟ ନିୟନ୍ତ୍ରଣ ରହିବ।

୧୦+୨ ବର୍ଷ ପାଇଁ ଗ୍ରସ କଷ୍ଟ କଣ୍ଟ୍ରାକ୍ଟ (ଜିସିସି) ମଡେଲ ଅଧୀନରେ ଡବଲ-



ଡେକର ଇଲେକ୍ଟ୍ରିକ ବସ ଯୋଗାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବସ ଅପରେଟର ଚୟନ ପାଇଁ ଏକ ଟେଣ୍ଡର ଡକାଯାଇଛି।

ଏହି ୧୦ ବର୍ଷିଆ ଚୁକ୍ତିରେ ସପ୍ଲାଏ, ଅପରେସନ୍, (ପୃଷ୍ଠା ୭ରେ)

# ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ସରକାରଙ୍କ ଉଦ୍ୟମ : ଗଠନ ହେବ ଟାସ୍କ ଫୋର୍ସ

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଆସିକା ଚିନି କଳର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କ ଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ଭାବେ ରହିବେ। ମଙ୍ଗଳବାର ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ନିମନ୍ତେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଚିନି କଳ ଏକ ପୁରାତନ ଚିନି କଳ। ଏହା ଉପରେ ଅନେକ ଚାଷୀ ନିର୍ଭର କରନ୍ତି। ତେଣୁ ଏହାର ଉନ୍ନତିକରଣ ଓ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

ଏହି ଟାସ୍କ ଫୋର୍ସ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟଗୁଡିକୁ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବା ପରେ ଏହାର ରିପୋର୍ଟ ଆଧାରରେ ଚିନି କଳର ପୁନରୁଦ୍ଧାର କରାଯିବ ।

ସୂଚନା ଯୋଗ୍ୟ, ଆସିକା ସମବାୟ ଚିନି କଳ ୧୯୫୬ ମସିହାରେ ସ୍ଥାପିତ ହୋଇଥିଲା। ୧୯୬୩ରେ ଏଠାରେ ଚିନି ଉତ୍ପାଦନ ଆରମ୍ଭ (ପୃଷ୍ଠା ୭ରେ)

## ଇଭିଏମ୍ ଓ ଭିଭିପାଟରେ କୌଣସି ଅମେଳ ନାହିଁ : ସ୍ପଷ୍ଟ କଲେ ନିର୍ବାଚନ ଆୟୋଗ

ମୁମ୍ବାଇ, ୧୦।୧୨

ମହାରାଷ୍ଟ୍ର ନିର୍ବାଚନରେ ବଡ଼ ବିଜୟ ହାସଲ କରି ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ସରକାର ଗଢ଼ି ସାରିଲାଣି, ହେଲେ ଏବେ ବି ପରାଜୟକୁ ଗ୍ରହଣ କରିପାରୁନାହାନ୍ତି ବିରୋଧୀ। ଚିରାଚରିତ ଭାବେ ଇଭିଏମ ଉପରେ ଦୋଷ ଲଦିବା ସହ ଭିଭିପାଟ ସ୍ଲିପ ସଂଖ୍ୟାରେ ମେଳ ଖାଉନଥିବା ଅଭିଯୋଗ କରିଛନ୍ତି ବିରୋଧୀ ମହା ବିକାଶ ଅଘାଡ଼ି ମେଣ୍ଟର ସମସ୍ତ ଦଳ। ତେବେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଓ ଭିଭିପାଟ ସ୍ଲିପରେ କୌଣସି ଅମେଳ (ପୃଷ୍ଠା ୭ରେ)

## ଏକାଳ ସେକାଳ




ଦର ଟିକେ କମାଅ ନେତା ହେ
କର ନାହିଁ ଆଉ ଡେରି
ଆଳୁ କଥା ଭାବି ଜିଭ ଲପଲପ ହେ
ଛାତି ହୋଇଯାଏ କୋରି
ପିଲା ଦିନ କଥା ମନେ ପଡେ ଭାରି
ମାଷ୍ଟ୍ର ଖାତାରେ ଆଳୁ ଦେଉଥିଲେ
ବାଧି ନଥିଲା ଏହି ପରି ହେ... ।

# କାନାଡାରୁ ଆସିଥିଲା ଧମକପୂର୍ଣ୍ଣ ମେଲ୍ : ସ୍ପଷ୍ଟ କଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଲୋକସେବା ଭବନରେ ଗତମାସ ୨୯ ତାରିଖ ଠାରୁ ଡିସେମ୍ବର ୧ ତାରିଖ ଯାଏଁ ଆୟୋଜିତ ୩ଦିନିଆ ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକମାନଙ୍କର ୫୯ତମ ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ଓ ସମ୍ମିଳନୀ ସମୟରେ ଧମକପୂର୍ଣ୍ଣ ମେଲ ଆସିଥିଲା। ଏହି ଧମକପୂର୍ଣ୍ଣ ମେଲ କାନାଡା ଓ ଆମେରିକାରୁ ଆସିଥିଲା । କ୍ରାଇମବ୍ରାଞ୍ଚ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରାଯାଇଛି ।

କ୍ରାଇମବ୍ରାଞ୍ଚ ପକ୍ଷରୁ ଆଇପି ଆଡ୍ରେସ ଯାଞ୍ଚ ବେଳେ ଜଣାପଡ଼ିଛି ଯେ, ଅଡିଓ ରେକର୍ଡ ମଧ୍ୟ ଦେଶ ବାହାରୁ ଆସିଛି । ଏହାକୁ ଇଣ୍ଟରନେଟ ଆପ ଜରିଆରେ ପ୍ରସ୍ତୁତ କରାଯାଇଥିଲା। ପୁଲିସ ଡିଜି/ଆଇଜି ସମ୍ମିଳନୀ ବେଳେ ଆସିଥିବା ଆତଙ୍କବାଦୀ ମେଲ ଯାଞ୍ଚ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ଧମକପୂର୍ଣ୍ଣ ମେଲ ଓ ଅଡିଓ ରେକର୍ଡ ଆସିବାରେ ଓଡ଼ିଶାର କାହାର ଲିଙ୍କ ନାହିଁ ବୋଲି ଏବେ ସ୍ପଷ୍ଟ ହୋଇଛି। ତେବେ ଭୁବନେଶ୍ୱରରେ ପୁଲିସ ଡିଜି ସମ୍ମିଳନୀ ବେଳେ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁର ଫଟୋ ଥାଇ ମେଲ ଓ ଅଡିଓ କଲ ରେକର୍ଡ ଆସିବା ଘଟଣା ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନିଦ ହଜାଇ ଦେଇଥିଲା।

ପୁଲିସ ମହାନିର୍ଦ୍ଦେଶକ/ ମହାନିରୀକ୍ଷକମାନଙ୍କର ସର୍ବଭାରତୀୟ ସମ୍ମିଳନୀକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଗତ ୨୯ ତାରିଖ ଦିନ ଉଦ୍‌ଘାଟନ କରିଥିଲେ । ଏହି ସମ୍ମିଳନୀର ଦ୍ୱିତୀୟ ଦିନ ଓ ଉଦଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ଯାପନୀ ଦିବସରେ ଗୁଇନ୍ଦା ବିଭାଗର ଅଧିକାରୀମାନଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ (ପୃଷ୍ଠା ୭ରେ)

# ରାଜ୍ୟସଭା ଉପନିର୍ବାଚନ ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ

ଭୁବନେଶ୍ୱର, ୧୦।୧୨

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନ ସୁଜିତ କୁମାର ପୂରଣ କରିବେ। ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନଥିଲା। ଅନ୍ୟ କେହି ରାଜ୍ୟସଭା ସଦସ୍ୟ ପଦ ପାଇଁ ନାମାଙ୍କନ ଦାଖଲ କରିନାହାନ୍ତି। ବିଜେପିରୁ ସୋମବାର ସୁଜିତ କୁମାର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତାମାନଙ୍କ ଉପସ୍ଥିତିରେ ବିଧାନସଭା ପରିସରକୁ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ବିରୋଧରେ କୌଣସି ଦଳ ପ୍ରାର୍ଥୀପତ୍ର ଦାଖଲ କରି ନଥିବା ନେଇ ଓଡ଼ିଶା ବିଧାନସଭା ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି ।



ପ୍ରାର୍ଥୀପତ୍ରରେ କୌଣସି ତ୍ରୁଟି ନଥିଲେ ସୁଜିତ କୁମାର ନିଦ୍ୱର୍ନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହେବେ ବୋଲି ଜଣାପଡିଛି।



# ଓଡ଼ିଶାରେ ଲଗାମଛଡ଼ା 'ଶିଳାବତୀ' ଚାଷ, ଟନ୍ ଟନ୍ ଚାଲାଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରତି ବର୍ଷ ରାଜ୍ୟର ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲା ଗୁଡ଼ିକରେ ଅବକାରୀ ଓ ପୁଲିସ ବିଭାଗ ହଜାର ହଜାର ଏକର ଜମିରୁ ଗଞ୍ଜେଇ ଗଛ କାଟି ପୋଡୁଛି । ଏହା ସତ୍ତ୍ୱେ ବର୍ଷ ପରେ ବର୍ଷ ଗଞ୍ଜେଇ ଚାଷର ପରିମାଣ ବଢ଼ିବାରେ ଲାଗିଛି। ରାଜ୍ୟରୁ 'ଶିଳାବତୀ'ଗଞ୍ଜେଇ ଚାଲାଣ ମଧ ବେଲଗାମ୍ ଚାଲିଛି। ତେବେ ଯେଉଁ ଜମିରେ ଗଞ୍ଜେଇ ଚାଷ ହେଉଛି ସେଗୁଡ଼ିକର ମାଲିକ କିଏ ଏବଂ କେଉଁ କାରଣରୁ କେବେ ବି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ପ୍ରଶ୍ନ କରୁଛନ୍ତି। ଚଳିତ ବର୍ଷର ଡିସେମ୍ବର ମାସ ହୋଇଗଲାଣି। ଗଜପତି, ମାଲକାନଗିରି, କନ୍ଧମାଳ, ବୌଦ୍ଧ,ରାୟଗଡ଼ା,ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ମୟୂରଭଞ୍ଜ ଆଦି ଜିଲ୍ଲାରେ ମାଫିଆଙ୍କ ଦ୍ୱାରା ହୋଇଥିବା ଗଞ୍ଜେଇ ଚାଷର ଅମଳ ସମୟ ଏବେ। ମାଫିଆଙ୍କ ଟିମ୍ ଏବେ ରାଜ୍ୟ ବାହାରର ବେପାରୀଙ୍କୁ ମାସେ ପରେ ନୂଆ ଅମଳ ଗଞ୍ଜେଇ ଟିକେ କମ୍ ଦରରେ ଯୋଗାଇ ଦେବା ଲୋଭ ଦେଖାଇ ଅଗ୍ରୀମ ସଂଗ୍ରହ କରିବାରେ ବ୍ୟସ୍ତ। ଏଭଳି ସମୟରେ ଅବକାରୀ ବିଭାଗ ଦଳବଳ ଧରି ଆରମ୍ଭ କରି ଗଞ୍ଜେଇ ଗଛ କାଟ୍ ଏବଂ ପୋଡ଼ା ଅଭିଯାନ । ଦେଢ଼ ମାସ ଭିତରେ ବିଭିନ୍ନ ଜିଲ୍ଲାରେ ମୋଟ ୬୫୦୦ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ତଥ୍ୟ କହୁଛି। ଗଞ୍ଜେଇ ନଷ୍ଟ କରିବା ସହ ଅବକାରୀ ବିଭାଗ ପକ୍ଷରୁ କେବଳ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେଉଛି, ଯାହାକି ଫାଇଲରେ ସୀମିତ। ଏଠାରେ ପ୍ରଶ୍ନ ଉଠୁଛି, କୌଣସି ଘରୁ ନିଶା ଦ୍ରବ୍ୟ ଜବତ ହେଲେ, ଘର ମାଲିକଙ୍କୁ ମଧ ପୁଲିସ କୋର୍ଟକୁ ଟାଣୁଛି। ଏଠାରେ ସମାଜକୁ ବିପଥଗାମୀ କରୁଥିବା ଗଞ୍ଜେଇ ଚାଷ ଖୋଲାଖୋଲି ହେଉଥିବା ବେଳେ ଜମି ମାଲିକଙ୍କୁ ମାଫ୍ କାହିଁକି ?

କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର କହିଛନ୍ତି, ସାରା ଦେଶରେ ଗଞ୍ଜେଇ ଚାଷ ବେଆଇନ୍ । କେବଳ ଔଷଧୀୟ ଓ ଶିକ୍ଷାୟନ ପାଇଁ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଚାଷକୁ ଅନୁମତି ଦିଆଯାଇଛି। ବେଙ୍ଗାଲୁରୁ କୋରାମଙ୍ଗଲରେ ଗଞ୍ଜେଇର ଏକ ଔଷଧୀୟ କ୍ଲିନିକ ଖୋଲାଯାଇଛି । ଓଡ଼ିଶାରେ ୮୦ ଦଶକ କିମ୍ବା ତା'ପୂର୍ବରୁ ଗଞ୍ଜେଇ ଚାଷ ନେଇ କୌଣସି କଟକଣା ନଥିଲା । ୧୯୮୫ ମସିହାରେ ଅବକାରୀ ଆଇନ୍ ଲାଗୁ ହେବା ପରେ ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଗଞ୍ଜେଇ ଚାଷ ରୋକିବାକୁ ପ୍ରତିବର୍ଷ ପୁଲିସର ସ୍ୱତନ୍ତ୍ର ଅଭିଯାନ ଚାଲିଛି । ଘଞ୍ଚ ଜଙ୍ଗଲରୁ ଗଞ୍ଜେଇ ଚାଷକୁ ଚିହ୍ନଟ କରିବାରେ ସାଟେଲାଇଟ୍ ଇମେଜ ଓ ଡ୍ରୋନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ପାଲଟିଛି। ତଥାପି କିଛି ଚାଷ ଜମି ପୁଲିସ ନଜରରୁ ବର୍ତ୍ତି ଯାଉଛି। ବନ ବିଭାଗର ସହଯୋଗ ବିନା ଗଞ୍ଜେଇ ଚାଷ ନଷ୍ଟ କରିବା ଅସମ୍ଭବ ।

# ୭୧୫ ସରକାରୀ ହାଇସ୍କୁଲରେ ବିଚିତ୍ର ସ୍ଥିତି: ନିଜ ନାଁରେ ଜମି ନାହିଁ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନାଁକୁ ସରକାରୀ ବିଦ୍ୟାଳୟ। ହେଲେ ନିଜସ୍ୱ ଜମି ନାହିଁ। ଅନ୍ୟ ଜମି ଉପରେ ଛିଡ଼ା ହୋଇଛି କୋଠା। ସେଠାରେ ପ୍ରତିବର୍ଷ ଶତାଧିକ ପିଲା ପଢୁଛନ୍ତି। ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଯାଉଛନ୍ତି। ରାଜଧାନୀର ଚନ୍ଦ୍ରଶେଖରପୁର ଫେଜ୍-୧ରେ ଥିବା ସରକାରୀ ହାଇସ୍କୁଲ ଅବସ୍ଥା ଏଭଳି। କେବଳ ଏହି ଗୋଟିଏ ସ୍କୁଲ ନୁହେଁ, ରାଜ୍ୟର ୭୧୫ଟି ସରକାରୀ ଉଚ୍ଚବିଦ୍ୟାଳୟର ନିଜସ୍ୱ ନାମରେ ଜମି ନାହିଁ। ରାଜ୍ୟର ମୋଟ ୪,୧୭୭ ସରକାରୀ ଉଚ୍ଚବିଦ୍ୟାଳୟ ନିଜସ୍ୱ ଜାଗାରେ ଗଢ଼ିଉଠିଛି। ବାକିଗୁଡ଼ିକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଜିଲ୍ଲା ପ୍ରଶାସନ ଅଧୀନରେ ରହିଛି। ବିଦ୍ୟାଳୟଗୁଡ଼ିକୁ ନିଜସ୍ୱ ନାମରେ ରେକର୍ଡଭୁକ୍ତ କରିବାକୁ ଆଲୋଚନା ଓ ବିଚାରବିମର୍ଶ ଜାରି ରହିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। କେବଳ କୋରାପୁଟ ଜିଲ୍ଲାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ(ହାଇସ୍କୁଲ) ନିଜସ୍ୱ ନାମରେ ଜାଗା ରେକର୍ଡଭୁକ୍ତ କରିଛି। ନ ହେଲେ ଅନ୍ୟ ସମସ୍ତ ଜିଲ୍ଲାରେ କିଛି ନା କିଛି ବିଦ୍ୟାଳୟରେ ସମସ୍ୟା ରହିଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩୭୧ଟି ହାଇସ୍କୁଲ ରହିଥିବା ବେଳେ ସେଥିରୁ ୮୦ଟି ବିଦ୍ୟାଳୟର ନିଜସ୍ୱ ନାମରେ ରେକର୍ଡ ନାହିଁ। ଏହାବ୍ୟତୀତ ପୁରୀ ଜିଲ୍ଲାରେ ୫୯, ଯାଜପୁରରେ ୪୫, କନ୍ଧମାଳରେ ୪୪, ଜଗତ୍‌ସିଂହପୁରରେ ୪୧, ନବରଙ୍ଗପୁର ଓ ସୁବର୍ଣ୍ଣପୁରରେ ୪୦ଟି ଲେଖାଏଁ, ସୁନ୍ଦରଗଡ଼ରେ ୩୫, ଗଜପତିରେ ୩୩ଟି ବିଦ୍ୟାଳୟରେ ଏଭଳି ସମସ୍ୟା ଲାଗିରହିଛି। ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲାର ଦୁଇଟି ଲେଖାଏଁ ବିଦ୍ୟାଳୟର ନିଜସ୍ୱ ନାମରେ ରେକର୍ଡ ନ ଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବର୍ଷ ବର୍ଷ ଧରି ବିଦ୍ୟାଳୟ ଚାଲୁଥିଲେ ମଧ କେତେକ ସ୍ଥାନରେ ନିଜସ୍ୱ ଗୃହ ନାହିଁ। ଏହାର ଏକ ଉଦାହରଣ ଭାବେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀକୁ ନିଆଯାଇପାରେ। ଏଠାରେ ଗଣଶିକ୍ଷା ବିଭାଗ ଅଧୀନ ୪୨୪ଟି ସରକାରୀ ପ୍ରାଥମିକ ଓ ଗୋଟିଏ ଉଚ୍ଚବିଦ୍ୟାଳୟ ପରିଚାଳିତ ହେଉଛି। ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ୪୦୫ଟି ପ୍ରାଥମିକ ବିଦ୍ୟାଳୟ ନିଜସ୍ୱ ଗୃହରେ ଚାଲୁଥିବା ବେଳେ ୧୯ଟି ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ଯେଉଁ ବିଦ୍ୟାଳୟଗୁଡ଼ିକରେ ଜରାଜୀର୍ଣ୍ଣ ଶ୍ରେଣୀଗୃହ ରହିଛି ତାହାକୁ ଭାଙ୍ଗି ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ୨୦୨୩ ଅକ୍ଟୋବର ୬ରେ ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ରାଜ୍ୟ ବଜେଟ୍‌ରୁ ଗଣଶିକ୍ଷା ବିଭାଗ ଦ୍ୱାରା ସରକାରୀ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ବ୍ୟୟବରାଦ ହୋଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଦିଆଯାଉଛି। ସମଗ୍ର ଶିକ୍ଷା ଯୋଜନାରେ ମଧ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ ନିର୍ମାଣ ତଥା ପାନୀୟ ଜଳ ଯୋଗାଣ, ବିଦ୍ୟୁତକରଣ ନିମନ୍ତେ ଅର୍ଥ ବ୍ୟୟବରାଦ ହୋଇ ନିର୍ମାଣ ଚାଲୁଛି। ତେବେ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଗୋଟିଏ ଯୋଡ଼ିଏ ବିଦ୍ୟାଳୟ ସ୍ଥିତିରୁ ଦେଖିଲେ ସ୍ପଷ୍ଟ ଅନୁମେୟ। ଏହାବ୍ୟତୀତ ରାଜ୍ୟ ବଜେଟ୍‌ରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବିଭିନ୍ନ ସରକାରୀ ବିଦ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ରହିଛି। ଅନୁଦାନପ୍ରାପ୍ତ ହାଇସ୍କୁଲର ଭିତ୍ତିଭୂମି ବିକାଶ ପାଇଁ ଭିତ୍ତିଭୂମି ସହାୟତା ଯୋଜନାରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ବ୍ୟୟବରାଦ କରାଯାଇ ନିର୍ମାଣର ବ୍ୟବସ୍ଥା ରହିଛି। 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଅର୍ଥ ବ୍ୟୟବରାଦ ହୋଇଛି। ପିଏମ୍‌ଶ୍ରୀ ଯୋଜନାରେ ମଧ ବିଦ୍ୟାଳୟଗୁଡ଼ିକର ଉନ୍ନତିମୂଳକ କାର୍ଯ୍ୟର ବ୍ୟବସ୍ଥା ରହିଛି। ଏଥିସହ ଏମ୍‌ଜିଏନ୍‌ଆରଇଜିଏ ପାଣ୍ଠିରୁ ପାଚେରି ନିର୍ମାଣ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ବଢୁଛି ବାଲ୍ୟ ବିବାହ : ୫ ବର୍ଷରେ ୨୨୮୯ ନାବାଳିକା ଗର୍ଭବତୀ



**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**
ଢେଙ୍କାନାଳ ଜିଲ୍ଲାରେ ନାବାଳିକା ଗର୍ଭବତୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଥିରେ ଲଗାମ୍ ଲଗାଇବା ପାଇଁ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଶାଖା, ସ୍କୁଲ୍ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ମଙ୍ଗଳ କମିଟି ଆଦି କାର୍ଯ୍ୟ କରୁଛନ୍ତି। ଏହାପରେ ମଧ ନାବାଳିକା ଗର୍ଭବତୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ୧୮ ବର୍ଷରୁ କମ୍ ବୟସରେ ମାତୃତ୍ୱ ଲାଭ କଲେ ସେମାନଙ୍କ ଠାରେ ବିଭିନ୍ନ ରୋଗ ହେଉଥିବା ସଂପର୍କରେ ସଚେତନ କରାଯାଉଥିଲେ ମଧ ଜିଲ୍ଲାରେ ବାଲ୍ୟବିବାହ ଥମିବାର ନାଁ ଧରୁନାହିଁ। ଗତ ୫ ବର୍ଷ ମଧ୍ୟରେ ଜିଲ୍ଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ରେ ନାବାଳିକା ଗର୍ଭବତୀଙ୍କ ସଂଖ୍ୟା ୫୦୦ ଟପିଲାଣି। ହିନ୍ଦୋଳ, ଢେଙ୍କାନାଳ ସଦର, ଓଡ଼ାପଡ଼ା ବ୍ଲକ୍‌ରେ ଏହି ସଂଖ୍ୟା ୩୦୦ ଲେଖାଏଁ ପାର କଲାଣି। ବାଲ୍ୟବିବାହ, ପ୍ରେମଜନିତ ପ୍ରତାରଣା, ଦୁଷ୍କର୍ମ ଓ ପ୍ରେମିକ ସହ ଫେରାର ହେବା ଆଦି ଘଟଣାରୁ ଏହି ସଂଖ୍ୟା ବଢ଼ି ଚାଲିଥିବାବେଳେ ଏଥିରେ ରୋକ୍ ଲଗାଇବାରେ ସମ୍ପୃକ୍ତ ବିଭାଗଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ, ଗତ ୨୦୨୦ ମସିହାରୁ ଅଦ୍ୟାବଧି ଜିଲ୍ଲାର ୮ଟି ବ୍ଲକ୍‌ରେ ୨୨୮୯ ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି। ୨୦୨୦ରେ ୪୫୫, ୨୦୨୧ରେ ୪୬୨, ୨୦୨୨ରେ ୪୫୮, ୨୦୨୩ରେ ୪୭୪ ଓ ୨୦୨୪ ନଭେମ୍ବର ସୁଦ୍ଧା ୪୪୦ ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି। ଜିଲ୍ଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକ୍‌ରେ ସର୍ବାଧିକ ୫୦୪ ନାବାଳିକା ଗର୍ଭବତୀ ହୋଇଛନ୍ତି। ସେହିପରି ହିନ୍ଦୋଳ ବ୍ଲକ୍‌ରେ ୩୯୨, ଢେଙ୍କାନାଳ ସଦରରେ ୩୫୯, ଓଡ଼ାପଡ଼ାରେ ୩୨୨, ପର୍ଜଙ୍ଗରେ ୨୬୦, ଗଁଦିଆରେ ୧୯୮, କାମାକ୍ଷାନଗରରେ ୧୪୨ ଓ ଭୁବନରେ ୧୧୨ ନାବାଳିକା ଗର୍ଭବତୀ ହୋଇଛନ୍ତି। ଏପରିକି କେବଳ ଚଳିତ ବର୍ଷ ନଭେମ୍ବର ସୁଦ୍ଧା କଙ୍କଡ଼ାହାଡ଼ରେ ୭୩ ଜଣ, ଢେଙ୍କାନାଳ ସଦରରେ ୭୦ଜଣ, ଓଡ଼ାପଡ଼ାରେ ୬୮ଜଣ, ହିନ୍ଦୋଳରେ ୬୫ଜଣ, ପର୍ଜଙ୍ଗରେ ୬୦ଜଣ, ଗଁଦିଆରେ ୪୦ଜଣ, କାମାକ୍ଷାନଗରରେ ୩୨ଜଣ ଓ ଭୁବନରେ ୩୨ଜଣ ନାବାଳିକାଙ୍କୁ ମିଶାଇ ୪୪୦ ଜଣ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ସରକାରୀ ପରିସଂଖ୍ୟାନ ବାହାରେ ଆହୁରି ଅଧିକ ନାବାଳିକା ଗର୍ଭବତୀ ରହିଥିବା କୁହାଯାଉଛି। ବିଭିନ୍ନ କାରଣରୁ ବହୁ ନାବାଳିକା ପ୍ରତାରଣାର ଶିକାର ହୋଇ ଗର୍ଭବତୀ ହେବାପରେ ଅଧିକାଂଶ କ୍ଷେତ୍ରରେ ଡରାଇ, ଧମକାଇ, ଅର୍ଥଲୋଭ ଦେଖାଇ ଚାପି ଦିଆଯାଉଛି। ପ୍ରଶାସନ ନଜରକୁ ଆସିଥିବା ତଥ୍ୟ ଅନୁଯାୟୀ, ସଂପୃକ୍ତ ଗର୍ଭବତୀ ନାବାଳିକାମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଥଇଥାନ କରାଯାଇଛି କିମ୍ବା ସେମାନେ ପ୍ରସବ କରିଛନ୍ତି କି ଗର୍ଭପାତ କରିଛନ୍ତି, ସେ ସଂପର୍କରେ ମଧ କୌଣସି ସୂଚନା ରହୁନି। ଏ ସଂପର୍କରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା କୁହନ୍ତି, ନାବାଳିକା ବିବାହ ହେଉଥିବା ଖବର ମିଳିଲେ ଚଢ଼ଉ କରାଯାଇ ବିବାହକୁ ବନ୍ଦ କରାଯାଉଛି। ଅଧିକାଂଶ ନାବାଳିକା ବିବାହ, ବାପା ମା'ଙ୍କ ସହଯୋଗରେ ହେଉଛି। ଲୁଚି ପଳାଇ ବିବାହ କରୁଥିବା ସଂପର୍କରେ ଜଣାପଡୁନାହିଁ। ନାବାଳିକା ବିବାହ ରୋକିବା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

# ପ୍ଲାଷ୍ଟିକ ବର୍ଜ୍ୟରେ ଭରିଗଲାଣି ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ର : ପୌରପାଳିକାର କାର୍ଯ୍ୟାନୁଷ୍ଠାନ ଶୂନ

**ପୁରୀ, ନ୍ୟୁଜ ବ୍ୟୁରୋ**
ପ୍ଲାଷ୍ଟିକ ରାକ୍ଷାସ ଆଁରେ ଗିଳି ହୋଇଗଲାଣି ଧାର୍ମିକ ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ର । ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ବ୍ୟକ୍ତିଗତ ଅନୁଷ୍ଠାନ ସବୁଠି ବେଧଡକ୍ ପ୍ଲାଷ୍ଟିକ ବ୍ୟବହାର କରାଯାଉଛି । ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ନା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ନା ସରକାରୀ ପଦକ୍ଷେପ ନିଆଯାଉଛି । ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର କରିବା ପୁରୀରେ ସଂପୂର୍ଣ୍ଣ ନିଷେଦ୍ଧ ଘୋଷଣା ହୋଇଛି । ହେଲେ ଏହି ଘୋଷଣା କେବଳ କାଗଜପତ୍ରରେ ସୀମିତ ରହିଛି । ଖୁଲମଖୁଲା ସବୁଠି ଏକକ ବ୍ୟବହୃତ ପ୍ଲାଷ୍ଟିକର କାରବାର ଚାଲିଥିଲେ ବି ପୌରପାଳିକା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି । ପାଖାପାଖି ବର୍ଷେ ହେବ ପୌରପାଳିକା ପକ୍ଷରୁ କୌଣସି ଦୋକାନରେ ଚଢ଼ଉ କରାଯାଇନି । ପ୍ଲାଷ୍ଟିକ ବର୍ଜ୍ୟର ପ୍ରକ୍ରିୟାକରଣ ପାଇଁ ଅନେକ ବ୍ୟବସ୍ଥା ହୋଇଛି । ହେଲେ ପୁରୀ ସହରରୁ ବାହାରୁଥିବା ପ୍ଲାଷ୍ଟିକର ମାତ୍ରା ପ୍ରକ୍ରିୟାକରଣ ପାଇଁ ରହିଥିବା ବ୍ୟବସ୍ଥାଠାରୁ ଢେର ଅଧିକ । ପୁରୀ ସହରରେ ପ୍ରତିବର୍ଷ ହାରାହାରି ୭୨୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହେଉଥିବା ବେଳେ ସେଥିମଧ୍ୟରୁ ମାତ୍ର ୫୬୦ ଟନ୍ ପ୍ଲାଷ୍ଟିକ ପ୍ରକ୍ରିୟାକରଣ ହୋଇପାରୁଛି । ବଳକା ୧୫୦ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଏଣେତେଣେ ପଡ଼ି ରହୁଛି । ନଳାଗୁଡ଼ିକରେ ଜମି ରହୁଛି । ଖୋଲା ପଡ଼ିଆ ସବୁ ଧୀରେଧୀରେ ଅଳିଆଗଦାରେ ପରିଣତ ହୋଇଯାଉଛି । ବର୍ଷକୁ ବର୍ଷ ଏହି ପ୍ରକ୍ରିୟାକରଣ ହୋଇପାରୁନଥିବା ପ୍ଲାଷ୍ଟିକର ମାତ୍ରା ବଢ଼ିଚାଲିଛି । ପୁରୀ ସହରକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ୨୦୧୯ ଗାନ୍ଧୀ ଜୟନ୍ତୀରୁ ପୁରୀକୁ ପଲିଥିନ ମୁକ୍ତ ସହର ଘୋଷଣା କରାଯାଇଥିଲା। ତତ୍‌କାଳୀନ ଜିଲ୍ଲାପାଳ ଏଥିପାଇଁ ତୃଣମୂଳ ସ୍ତରରେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ସଚେତନତା ଏତେମାତ୍ରାରେ ବୃଦ୍ଧି ପାଇଥିଲା ଯେ ଲୋକେ କୌଣସି ଖାଦ୍ୟ କିଣିବାକୁ ଘରୁ ଗିନା ତାଟିଆ ଟିଫିନ୍ ଧରି ଯାଉଥିବାର ମଧ ଦେଖିବାକୁ ମିଳୁଥିଲା । ସହରରେ ବର୍ଜ୍ୟ ପରିଚାଳନା ଠିକ୍ ରୂପେ ହେଉଛି କି ନାହିଁ ଏହା ଉପରେ ନଜର ରଖିବାକୁ ଏକ ଜାତୀୟ ସ୍ତରୀୟ ଫିଡ୍ ବ୍ୟାକ୍ ଏଜେନ୍ସି ମଧ ପୁରୀରେ କାମ କରୁଥିଲା । ଏହି ଏଜେନ୍ସି ପୁରୀର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାକୁ ତଦାରଖ କରୁଥିଲା । କେଉଁଠି ଅଳିଆ ଜମି ରହିଲେ କି କେଉଁଠି ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର କରାଗଲେ ଏହି ସଂସ୍ଥା ପ୍ରଶାସନର ସାହଯୋଗରେ ଏସବୁକୁ ବନ୍ଦ କରୁଥିଲା । ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପରିଚିତ ଇନ୍ଦୋର ସହରରେ ମଧ ଏହି ସଂସ୍ଥା କାମ କରୁଛି । ପୁରୀକୁ ଇନ୍ଦୋର ଭଳି ସ୍ୱଚ୍ଛ ସୁନ୍ଦର କରିବା ଲକ୍ଷ୍ୟ ତତ୍‌କାଳୀନ ଜିଲ୍ଲାପାଳ ବଲୱନ୍ତ ସିଂହ ନିଜସ୍ୱ ପ୍ରଚେଷ୍ଟାରେ ଏହି ସଂସ୍ଥାକୁ ପୁରୀକୁ ଆଣିଥିଲେ । ପୁରୀରେ ପାଖାପାଖି ୨ ବର୍ଷ କାମ କରିବା ମଧ୍ୟରେ ପୁରୀର ସ୍ୱଚ୍ଛତାରେ ମଧ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିଥିଲା । ହେଲେ ପରବର୍ତ୍ତୀ ସମୟରେ ଏହି ଏଜେନ୍ସିକୁ ସହରରୁ ବିଦା କରାଗଲା। କେବଳ ସେତିକି ନୁହେଁ ଏକ ଘରୋଇ ସଂସ୍ଥା ପୁରୀରୁ ପ୍ଲାଷ୍ଟିକ ବର୍ଜ୍ୟ ନେବା ପାଇଁ ପୌରସଂସ୍ଥା ସହ ଚୁକ୍ତି କରିଥିଲା । ଏହି ସଂସ୍ଥା ପ୍ରତି ମାସରେ ପୌରସଂସ୍ଥାକୁ ୧୦ ଲକ୍ଷ ଟଙ୍କା ଦେଇ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରୁଥିଲା । ୨ ବର୍ଷ ହେବ ଏହି ସଂସ୍ଥାଠାରୁ ମଧ ଚୁକ୍ତି ପ୍ରତ୍ୟାହାର କରି ନିଆଯାଇଛି । ଯାହାଦ୍ୱାରା ପୁରୀ ପୌରାଞ୍ଚଳରେ ଥିବା ୬ଟି ଯାକ ଏମ୍‌ଆରଏଫ୍‌କୁ ଯାଉଥିବା ପ୍ଲାଷ୍ଟିକର ମାତ୍ରା ବୃଦ୍ଧି ପାଇଚାଲିଛି । ଯେତେ ମାତ୍ରାରେ ପ୍ଲାଷ୍ଟିକ ବର୍ଜ୍ୟ ଏମ୍‌ଆରଏଫ୍‌କୁ ଯାଉଛି, ତା'ର ଅଧା ପ୍ଲାଷ୍ଟିକ ବି ଖାଲି ହେଉନାହିଁ । ପୁରୀ ପର୍ଯ୍ୟଟନ ସହର ହୋଇଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର ମଧ ବୃଦ୍ଧି ପାଇ ଚାଲିଛି। ଥର୍ମକୋଲ୍ ଦନା ମଧ ପ୍ଲାଷ୍ଟିକ ବର୍ଜ୍ୟର ଅନ୍ୟ ଏକ କାରଣ ପାଲଟିଛି । ପରିବେଶ ବିଜ୍ଞାନରେ ଗବେଷଣା କରୁଥିବା ସୁପ୍ରଭା ମିଶ୍ର କହିଛନ୍ତି, ପ୍ଲାଷ୍ଟିକ ବର୍ଜ୍ୟ ମୃତ୍ତିକା ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ଏହା ମାଟିରେ ମିଶୁନଥିବାରୁ ଜଳ ପ୍ରବାହ ବାଧାପ୍ରାପ୍ତ ହୁଏ । ବର୍ଷା ଜଳ ଭୂତଳକୁ ପ୍ରବେଶ କରିପାରେନି । ଫଳରେ ଭୂତଳ ଜଳ ମାତ୍ରା କମିଚାଲେ। ପ୍ଲାଷ୍ଟିକ ମାଟିରେ ମିଶିବାକୁ ଶହଶହ ବର୍ଷ ଲାଗିଯାଏ । ପ୍ଲାଷ୍ଟିକକୁ ପୋଡ଼ିବା ଦ୍ୱାରା ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ମଧ ଫୁସ୍‌ଫୁସ୍ ଜନୀତ ରୋଗ ସୃଷ୍ଟି କରେ ବୋଲି ସେ ପ୍ରକାଶ କରିଛନ୍ତି।

## ସରକନ୍ତରା ରେଳ ଫାଟକ ନିକଟରେ ଅଘଟଣ ଗେଟ୍ କିପରଙ୍କୁ ପିଟିଲେ ଦୁଇ ମଦ୍ୟପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସରକନ୍ତରା ରେଲୱେ ଫାଟକ ନିକଟରେ ଅଘଟଣ। ୨ ଜଣ ମଦ୍ୟପ ନିଶା ପାନକରି ଫାଟକରେ ଡ୍ୟୁଟି କରୁଥିବା ରେଳ ଗେଟ କିପର ଦେବେନ୍ଦ୍ର ମାର୍ଥାଙ୍କୁ ମାଡ଼ ମାରିଥିଲେ। ସୂଚନା ଅନୁଯାୟୀ, ରାତିରେ ଫାଟକ ଖୋଲିବା ନେଇ ଗଣ୍ଡଗୋଳ କରି ରେଳ କର୍ମଚାରିଙ୍କ ବାଇକରେ ନିଆଁ ଲଗାଇ ଦେଇଥିଲେ। ଏହି ନିଆଁ ସିଗନାଲ ବାକ୍ସରେ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଯାହା ଫଳରେ ରେଳ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି । ସିଗନାଲ ଫେଲ ଯୋଗୁ ସମସ୍ତ ଟ୍ରେନ୍ ବିଳମ୍ବରେ ଚାଲିଛି । ଏପଟେ ଏହି ଘଟଣା ପରେ ଦୁଇ ଆକ୍ରମଣକାରୀ ଫେରାର ହୋଇଯାଇଛନ୍ତି।

## ପ୍ରତି ମିନିଟ୍‌ରେ ଶିଳ୍ପ ଶୋଷୁଛି ୨ଲକ୍ଷ ଲିଟର ପାଣି: ଶୁଖିଯିବ ବ୍ରାହ୍ମଣୀ, ଖରସ୍ରୋତା

**ଯାଜପୁର, ନ୍ୟୁଜ ବ୍ୟୁରୋ**
ମହାନଦୀ ଭଳି ଦଶା ଭୋଗିବାକୁ ଯାଉଛି ଓଡ଼ିଶାର ଦ୍ୱିତୀୟ ବୃହତ୍ ନଦୀ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଖରସ୍ରୋତା। ଯାଜପୁର ଜିଲ୍ଲା କଳିଙ୍ଗନଗରରେ ଗଢ଼ି ଉଠିଥିବା ଶିଳ୍ପସଂସ୍ଥା ପାଇଁ ଆବଶ୍ୟକ ପଡୁଥିବା ପ୍ରଚୁର ପାଣି ଏହି ଦୁଇନଦୀରୁ ଯୋଗାଣ ହେଉଛି। ଫଳରେ ଦୁଇନଦୀର ତଳମୁଣ୍ଡରେ ଗତ କିଛିବର୍ଷ ହେଲା ଉତ୍କଟ ଜଳ ସଙ୍କଟ ଦେଖାଦେଉଛି। ଜଳ ଗଚ୍ଛିତ ପାଇଁ ଆବଶ୍ୟକ ବ୍ୟାରେଜ୍ ନଥିବାରୁ ଯାଜପୁର ଜିଲ୍ଲାର ୬ଟି ବ୍ଲକ୍ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ଏକାଧିକ ବ୍ଲକ୍ ଏହି କାରଣରୁ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ବର୍ଷା ଋତୁରେ ମାସ ଦୁଇଟା ଛାଡ଼ିଦେଲେ ପ୍ରାୟ ୧୦ ମାସ ଏହି ଦୁଇନଦୀର ତଳମୁଣ୍ଡରେ ପାଣିଧାର ଦେଖିବାକୁ ମିଳୁନି। ଗାଧୋଇବା ଦୂରେ ଥାଉ, ବ୍ରାହ୍ମଣୀର ଜେନାପୁରଠାରୁ ତଳମୁଣ୍ଡ ଓ ଖରସ୍ରୋତାର ଯୋକଡ଼ିଆଠାରୁ ତଳମୁଣ୍ଡରେ ଶୌଚ ହେବା ପାଇଁ ପାଣି ଟୋପେ ରହୁନି। କଳିଙ୍ଗନଗରର ବୃହତ୍ ଶିଳ୍ପସଂସ୍ଥା ଏହି ଦୁଇନଦୀରୁ ପ୍ରତି ସେକେଣ୍ଡରେ ୧୧୦ କ୍ୟୁସେକ୍ ପାଣି ଶୋଷୁଛନ୍ତି। ଅର୍ଥାତ ପ୍ରତି ମିନିଟ୍‌ରେ ଦୁଇ ନଦୀରୁ ୨ଲକ୍ଷ ଲିଟର ପାଣି ଉଠାଯାଉଛି। ଶିଳ୍ପସଂସ୍ଥା ମାତ୍ରାଧିକ ଜଳ ଉତ୍ତୋଳନ କରୁଥିବାରୁ ଆଗାମୀ ଦିନରେ ଏହି ଦୁଇନଦୀରେ ଭୟଙ୍କର ଜଳ ସଙ୍କଟ ଦେଖାଦେବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି।

ଏପଟେ ଯୋକଡ଼ିଆଠାରେ ପ୍ରସ୍ତାବିତ ବ୍ୟାରେଜ୍ ଆରମ୍ଭ ହୋଇପାରୁନାହିଁ। ଦୀର୍ଘ ୨୦ ବର୍ଷ ହେଲା ଏହି ପ୍ରକଳ୍ପରେ କୌଣସି ଅଗ୍ରଗତି ଘଟିନାହିଁ। ଏଭଳି ସ୍ଥିତିରେ ଏହି ଦୁଇନଦୀର ଅବବାହିକାରେ ରହୁଥିବା ଲୋକଙ୍କ ଚାଷଜମିକୁ ପାଣି ମିଳୁନି। ସେହିଭଳି କଳିଙ୍ଗନଗର ଶିଳ୍ପସଂସ୍ଥାରୁ ବାହାରୁଥିବା ରାସାୟନିକ ବର୍ଜ୍ୟ ମଧ ସିଧାସଳଖ ଗଣ୍ଡାନାଳ ଦେଇ ଖରସ୍ରୋତାରେ ମିଶୁଛି। ଫଳରେ ନଦୀଜଳ ଏବେ ପାନୀୟ ଅନୁପଯୋଗୀ ହୋଇପଡ଼ିଛି।

# ମହାନଗରରେ ୨ଶହରୁ ଉର୍ଦ୍ଧ୍ୱ ମଦ ମାଫିଆ



**ଭୁବନେଶ୍ୱର/କଟକ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ସି.ଆର.ପି. ଛକରୁ ଟମାଣ୍ଡୋ ଛକ ପର୍ଯ୍ୟନ୍ତ ପସରା ମେଲାଇଛନ୍ତି ଦେଶୀମଦ ବେପାରୀ। ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ ଯୋଜନା ବାହାର କରିବାରେ ବ୍ୟସ୍ତ। ହେଲେ ମଦ ବେପାରୀ ଟଙ୍କା ପାଇଁ ବିଷ ବିକ୍ରି କରିବାରେ ବ୍ୟସ୍ତ। ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ଏହା ଜାଣି ମଧ ଚୁପ୍ । ଦେଶୀମଦର ଆଡ୍ଡାସ୍ଥଳୀ ପାଲଟିଛି ରାଜଧାନୀର ସିଆରପି ଛକ ମୁଣ୍ଡା ସାହି ବସ୍ତି, ସାଲିଆ ସାହି, ପାତ୍ରପଡାର ଫୁଲେଶ୍ୱରୀ ବସ୍ତି, ଆଇଗିଣିଆ ଆଳୁଗଦି ବୋଲି ସୂଚନା ମିଳିଛି। ସେହିପରି ଗଲା ଦୁଇ ବର୍ଷ ଭିତରେ କଟକ ଜିଲ୍ଲାର ଡାଲୁଆ, ଭିରୁଡ଼ା, କୋରଗାଁ, ଜାମୁଣ୍ଡା ଇତ୍ୟାଦି ଜଙ୍ଗଲରେ ୨୬୧ ଜଣ ମଦ ମାଫିଆ ଏଭଳି ଢଙ୍ଗରେ ଫେରାର ହୋଇଯାଇଛନ୍ତି। ସେମାନଙ୍କର ପତ୍ତା ମିଳୁନାହିଁ। ତେଣୁ ସେମାନଙ୍କ ବିରୋଧରେ ୨୫୧ଟି ଫେରାର ମାମଲା ଜିଲ୍ଲା ଅବକାରୀ ବିଭାଗ ରୁଜୁ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ତଦନ୍ତ କରୁଥିବା ବେଳେ ଫେରାର ମଦ ମାଫିଆଙ୍କୁ ଘଞ୍ଚ ଜଙ୍ଗଲରେ ଧରିବା ଆହ୍ୱାନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ଆଠଗଡ଼ର କୋରଗାଁ, ଢେଙ୍କାନାଳ ସୀମାକୁ ଲାଗିଥିବା ବାଙ୍କୀ ବ୍ଲକ୍ ଭିରୁଡ଼ା, ମୁକୁନ୍ଦପୁର, ଜାମୁଣ୍ଡା ଜଙ୍ଗଲ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ, ମହାଲକ୍ଷ୍ମୀପୁର, ଛେନାଖିଆ ନୂଆଗାଁ, ସଠିଲୋ ବାସୁଦେବପୁର, ଗୁରୁଡ଼ିଝାଟିଆର ଶାନ୍ତାଣିବାଟି ଇତ୍ୟାଦି ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ଏହି ମଦ କଟକ ଜିଲ୍ଲାର ନରସିଂହପୁର, ବଡ଼ମ୍ବା, କାନପୁର, ଆଠଗଡ଼, କଳାପଥର, ବାରଙ୍ଗ, ତିଗିରିଆ, ଚୌଦ୍ୱାର, ଜଗତପୁର, ଟାଙ୍ଗୀ, ବାଙ୍କୀ ଅଞ୍ଚଳକୁ ଚାଲାଣ କରାଯାଉଛି। କଟକ ଜିଲ୍ଲା ବାଦ୍ ପଡ଼ୋଶୀ ନୟାଗଡ଼, ଢେଙ୍କାନାଳ, ଅନୁଗୁଳ, ଯାଜପୁର, କେନ୍ଦ୍ରାପଡ଼ା ଜିଲ୍ଲାକୁ ମଧ ଚାଲାଣ କରାଯାଉଛି। ଅବକାରୀ ବିଭାଗ ଏହିସବୁ ଜଙ୍ଗଲରେ ଚଢ଼ଉ କରି ମାଫିଆଙ୍କୁ ଧରିବାରେ ସମସ୍ୟାର ସମ୍ମୁଖୀନ ହେଉଛି। ଗାଁ ରାସ୍ତାରେ ଯେତେବେଳେ ଅବକାରୀ ଟିମ୍ ଜଙ୍ଗଲ ଭିତରକୁ ପ୍ରବେଶ କରୁଛି, ଏହି ସମୟରେ ଗାଁରୁ ଆଗୁଆ ଖବର ଜଙ୍ଗଲ ଭିତରେ ଥିବା ମାଫିଆଙ୍କ ନିକଟରେ ପହଞ୍ଚି ଯାଉଥିବାରୁ ସେମାନେ ଫେରାର ହୋଇଯାଉଛନ୍ତି। ଜଙ୍ଗଲ ରାସ୍ତାରେ ଅବକାରୀ ବିଭାଗ ଗାଡ଼ି ଯିବା ସମ୍ଭବପର ହେଉନଥିବାରୁ ଚାଲିଚାଲି ଜଙ୍ଗଲ ଭିତରେ ମଦ ମାଫିଆଙ୍କୁ ଧରିବା ବି ସମସ୍ୟା ହେଉଛି। ଜିଲ୍ଲା ଅବକାରୀ ବିଭାଗର ତଥ୍ୟ ଅନୁଯାୟୀ, ୨୦୨୩ରେ ୧୪୮ଟି ମାମଲା ଫେରାର ମଦ ମାଫିଆଙ୍କ ବିରୋଧରେ ରୁଜୁ ହୋଇଥିଲା। ଏହି ମାମଲାଗୁଡ଼ିକରେ ୮ ଜଣ ଗିରଫ ହୋଇଥିବା ବେଳେ ୧୫୯ ଜଣ ଫେରାର ଅଛନ୍ତି। ସେହିଭଳି ୨୦୨୪ ଜାନୁଆରି ୧ରୁ ବର୍ତ୍ତମାନ ସୁଦ୍ଧା ଫେରାର ଅଭିଯୁକ୍ତଙ୍କ ବିରୋଧରେ ୧୦୩ଟି ମାମଲା ରୁଜୁ ହୋଇଥିବା ବେଳେ ୧୦୩ ଜଣ ଫେରାର ଅଛନ୍ତି। ୨୦୨୩ ପୂର୍ବରୁ ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ଉ କରିବାବେଳେ କେବଳ ମଦରନ୍ଧା ସାମଗ୍ରୀ ଓ ମଦ ଚାଲାଣରେ ବ୍ୟବହୃତ ଯାନବାହନ ଜବତ କରୁଥିଲା। ୨୦୨୩ରୁ ଅବକାରୀ ବିଭାଗ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଯେଉଁମାନେ ଫେରାର ହେଉଛନ୍ତି, ସେମାନଙ୍କ ବିରୋଧରେ ସିଧାସଳଖ ଫେରାର ମାମଲା ରୁଜୁ ହେଉଛି। ଫେରାର ମାମଲା ରୁଜୁ ସହିତ ଜବତ ତାଲିକା ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କୋର୍ଟରେ ଦାଖଲ ହେଉଛି। ଏକାଧିକ ଫେରାର ମାମଲାରେ ସେମାନଙ୍କୁ ଛନ୍ଦିବା ଦ୍ୱାରା ସେମାନେ କୋର୍ଟରୁ ଜାମିନ୍ ପାଇବାକୁ କସରତ କରୁଛନ୍ତି। ନଚେତ ଗିରଫ ଭୟରେ ଜଙ୍ଗଲ ଭିତରେ ଲୁଚି ରହୁଛନ୍ତି।

# ଏଣିକି ରାଜ୍ୟ ବାହାକୁ ଯିବ ଓମଫେଡ୍ ଘିଅ : ବିକ୍ରି ହେବେ ଚକୋଲେଟ ଓ ପାଣି ବୋତଲ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏଣିକି ରାଜ୍ୟ ବାହାରେ ମିଳିବ ଓମଫେଡ୍ ଘିଅ । ଚାହିଦାକୁ ଦୃଷ୍ଟିରେ ରଖି ଓମ୍‌ଫେଡ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏହା ସହ ଓମ୍‌ଫେଡ୍ ଚକୋଲେଟ ଓ ପାଣି ବୋତଲ ଜାନୁଆରୀ ମାସରୁ ଆସିବ । ପୁରୀ ଜଗନ୍ନାଥ ମନ୍ଦିରରେ କେବଳ ଓମ୍‌ଫେଡ୍ ଘିଅ ଲାଗି ହେବା ପାଇଁ ନିଷ୍ପତ୍ତି ହେବା ପରଠାରୁ ଏହାର ବିକ୍ରି ବହୁ ଗୁଣରେ ବୃଦ୍ଧିପାଇଛି । ଏବେ ହାରାହାରି ମାସିକ ୧୩୫ ମେଟ୍ରିକ୍ ଟନ୍ ଓମ୍‌ଫେଡ୍ ଘିଅ ବିକ୍ରି ହେଉଛି । ଅର୍ଥାତ୍ ଦୈନିକ ହାରାହାରି ୪.୫ ମେଟ୍ରିକ୍ ଟନ୍ ଘିଅ ବିକ୍ରି ହେଉଛି। ଗତ ଅକ୍ଟୋବର ମାସରେ ୧୮୫.୬୩ ମେଟ୍ରିକ୍ ଟନ୍ ଘିଅ ବିକ୍ରି ହୋଇଥିବା ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି । ଓମ୍‌ଫେଡ୍ ଘିଅର ଚାହିଦା ହଠାତ୍ ବୃଦ୍ଧି ପାଇବାର ପ୍ରଥମ କାରଣ ହେଲା ଏହା ଏକ ସରକାରଙ୍କ ନିୟନ୍ତ୍ରଣାଧୀନ ସମବାୟ ସଂସ୍ଥା। ତେଣୁ ଏଥିରେ ଅପମିଶ୍ରଣ ହେବାର କୌଣସି ସମ୍ଭାବନା ନାହିଁ । ସେଥିପାଇଁ ଲୋକମାନଙ୍କର ଅତୁଟ ଭରସା ରହିଛି। ଦ୍ୱିତୀୟ କାରଣ ହେଲା ଓଡ଼ିଆ ଅସ୍ମିତା ସହ ଓମ୍‌ଫେଡ୍ ଜଡ଼ିତ । କାରଣ ଏଥିରେ ଓଡିଶାର ଲକ୍ଷ ଲକ୍ଷ ଦୁଗ୍ଧଚାଷୀଙ୍କ ସଂପୃକ୍ତି ରହିଛି । ସେମାନଙ୍କ ଦ୍ୱାରା ଓମ୍‌ଫେଡ୍‌କୁ ଦିଆଯାଉଥିବା ଖାଣ୍ଟି କ୍ଷୀରରୁ ଏହି ଗୁଆଘିଅ ପ୍ରସ୍ତୁତ ହେଉଛି। ଗତ ଅକ୍ଟୋବର ୨ ତାରିଖରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କେବଳ ଓମ୍‌ଫେଡ୍ ଘିଅ ହିଁ ଲାଗି ହେଉଛି। ଆବଶ୍ୟକ ହେଲେ ଓମ୍‌ଫେଡ୍ ଘିଅ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ ବୋଲି କହିଛନ୍ତି ଶ୍ରୀ କୁଲାଙ୍ଗେ ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି। ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି।

# ଅତିଥି



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଯେଉଁ ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ଦିନ ବା ସମୟ ବ୍ୟତୀତ ଅନ୍ୟ ଗୃହସ୍ଥର ଘରେ ଉପସ୍ଥିତ ହୋଇଥାନ୍ତି ସେହିମାନେ ହୋଇଥାନ୍ତି ସେଠାର ଅତିଥି। ଭାରତୀୟ ସଂସ୍କୃତିରେ ଅତିଥି ସତ୍କାର ଏକ ମହତ୍ତର କାର୍ଯ୍ୟ ବୋଲି କୁହାଯାଇଥାଏ। ଲୋକ ଶିକ୍ଷା ନିମନ୍ତେ ଏପରି ବହୁ ଉଦାହରଣମାନ ମଧ୍ୟ ସୃଷ୍ଟି ହୋଇଛି। ଅତିଥିମାନଙ୍କୁ ଦେବତାର ମାନ୍ୟତା ଦିଆଯିବାକୁ କୁହାଯାଇଛି। ଏପରିକି ଅବେଳରେ ଘରେ ପହଞ୍ଚିଗଲେ ସେମାନଙ୍କର ଭୋଜନ ଓ ସେବା କରିବାଥାଏ ଗୃହକର୍ତ୍ତାଙ୍କର ପ୍ରଥମ କର୍ତ୍ତବ୍ୟ। ନିଜେ ଭୋଜନରେ ଥିବାବେଳେ ବି ଯଦି କେହି ଜଣେ ବା ଅଧିକ ଉପସ୍ଥିତ ହୋଇଯାନ୍ତି ତେବେ ନିଜର ଖାଦ୍ୟ ସେମାନଙ୍କୁ ଦେଇ ସନ୍ତୁଷ୍ଟ କରିବା ହେଉଛି ଗୃହସ୍ଥର ପରମ କର୍ତ୍ତବ୍ୟ। ଏହିଭଳି ଭୂରିଭୂରି ଉଦାହରଣ ବା ଗପମାନ ପୁରାଣମାନଙ୍କରେ ରହିଥିବାର ଦେଖିବାକୁ ମିଳେ। ସେଗୁଡ଼ିକ ମଧ୍ୟରୁ ମହାଭାରତର ଗୋଟିଏ ଗପ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ।

ପାଣ୍ଡବମାନଙ୍କର ବନବାସ ସମୟରେ ଥରେ ଋଷି ଦୁର୍ବାସା ନିଜର ଶିଷ୍ୟମାନଙ୍କୁ ଧରି ସେମାନଙ୍କର ରହୁଥିବା କୁଟୀରରେ ପହଞ୍ଚିଥିଲେ। ପାଣ୍ଡବ ପାଞ୍ଚ ଭାଇ ସେତେବେଳେ ଅରଣ୍ୟକୁ ଖାଦ୍ୟ ଓ ଜାଳେଣି କାଠ ସଂଗ୍ରହ ନିମନ୍ତେ ଚାଲିଯାଇଥିଲେ। ଘରେ ଏକାକୀ ରହିଯାଇଥିଲେ ମାତା ଦ୍ରୌପଦୀ। ଅବେଳରେ ମହର୍ଷି ଦୁର୍ବାସା ସେଠାରେ ପହଞ୍ଚି ଯିବାରୁ ମାତା ଭୟଭୀତ ହୋଇପଡ଼ିଥିଲେ। କାରଣ ସେତେବେଳ କାଳରେ ସମସ୍ତେ ଜାଣିଥିଲେ ଯେ ଋଷି ଦୁର୍ବାସା କିଭଳି ଭୟଙ୍କର କ୍ରୋଧୀ। ତାଙ୍କର ଆତିଥ୍ୟତା ପ୍ରତି ସାମାନ୍ୟତମ ଭୁଲ ହେଲେ ସେ ଅତି ଭୟଙ୍କର ହୋଇ ଅଭିଶାପ ଦେଇଥାନ୍ତି। ଦୁର୍ବାସାଙ୍କର ଏପରି ଅଭ୍ୟାସରେ ସେତେବେଳର ଶାସକମାନଙ୍କଠାରୁ ଶାସିତ ପର୍ଯ୍ୟନ୍ତ ପ୍ରତ୍ୟେକ ଥରହର ହୋଇଉଠୁଥିଲେ। ପାଣ୍ଡବମାନଙ୍କର କୁଟୀରରେ ପହଞ୍ଚି ନିଜର ତଥା ଶିଷ୍ୟମାନଙ୍କର କ୍ଷୁଧା ନିବାରଣ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ସେ ମାତାଙ୍କୁ ଅନୁରୋଧ କରିବାପରେ ନିକଟସ୍ଥ ନଦୀକୁ ସ୍ନାନ ନିମନ୍ତେ ଚାଲିଗଲେ। ଦୁର୍ବାସାଙ୍କ ଏପରି ଅନୁରୋଧରେ ଦ୍ରୌପଦି ଭୟରେ ଥରିଉଠିଲେ। କାରଣ ଥିଲା ଯଦି ସେ ଦୁର୍ବାସାଙ୍କୁ ଭୋଜନ ଦେଇ ନପାରନ୍ତି ତେବେ ନିଜ ସହ ପାଣ୍ଡବମାନଙ୍କର ଅବସ୍ଥା ତାଙ୍କର ଅଭିଶାପରେ ଯେ କ'ଣ ହେବ ତାହା ସେ ଭାବିପାରୁ ନଥିଲେ। ଦ୍ରୌପଦି ହେଉଛନ୍ତି ସାକ୍ଷାତ ଅନ୍ନପୂର୍ଣ୍ଣା। ସେ କାତର ସ୍ୱରରେ ଭଗବାନ ଶ୍ରୀକୃଷ୍ଣଙ୍କୁ ମନରେ ଧ୍ୟାନ କଲେ। ସେତେବେଳେ ମହାପ୍ରଭୁ ଦ୍ୱାରକାରେ ଭୋଜନ ପରେ ବିଶ୍ରାମ ନେଇଥାନ୍ତି। ପାଦ ମଞ୍ଜାଳୁଥାନ୍ତି ମାତା ରୁକ୍ମିଣୀ। ଦ୍ରୌପଦୀଙ୍କର କାତର ପ୍ରାର୍ଥନା ତାଙ୍କ କାନରେ ପଡ଼ିବା ମାତ୍ରେ ଅବିଳମ୍ବେ ସେ ପାଣ୍ଡବମାନଙ୍କର ରହୁଥିବା ସ୍ଥାନରେ ପହଞ୍ଚିଗଲେ। ଏତେ ଦୂରରେ ଥିବା ପାଣ୍ଡବ କୁଳଲକ୍ଷ୍ମୀ ଦ୍ରୌପଦୀଙ୍କ ପାଖରେ ସେ କିପରି ପହଞ୍ଚି ପାରିଲେ ତାହା ବହୁ ନାସ୍ତିକଙ୍କ ମନରେ ସନ୍ଦେହ ଆଣିପାରେ ମାତ୍ର ଯାହାର ସତ୍ତା ସର୍ବତ୍ର ବିଦ୍ୟମାନ ତାଙ୍କ ପକ୍ଷରେ ଅସମ୍ଭବ ବା କ'ଣ? ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ କୁଟୀରରେ ବିରାଜିତ ହୋଇଯିବା ପରେ ମାତା ଦ୍ରୌପଦୀ ତାଙ୍କୁ ସମସ୍ତ କଥା ଜଣାଇଲେ। ପ୍ରଭୁ କହିଲେ ଯେ ତୁମର ବଳକା ଖାଦ୍ୟରୁ କିଛି ମୋ ପାଖକୁ ନେଇଆସ। ମାତ୍ର ସେତେବେଳେ କୌଣସି ଖାଦ୍ୟ ତାଙ୍କ ପାଖରେ ନଥିଲା। ଏହା ଜାଣି ମଧ୍ୟ ପ୍ରଭୁ ଖାଦ୍ୟ ପ୍ରସ୍ତୁତ ହୋଇଥିବା ପାତ୍ରଟିକୁ ତାଙ୍କ ପାଖକୁ ନେଇଆସିବା ପାଇଁ କହିଥିଲେ। ସେହି ପାତ୍ରଟି ଆଣିବା ପରେ ଦେଖାଗଲା ସେଥିରେ ଖାଦ୍ୟ ତ ନଥିଲା ମାତ୍ର ପାତ୍ରର ଗୋଟିଏ କଣରେ ରନ୍ଧା ଖାଦ୍ୟର କଣିକାଏ ଅବଶେଷ ହିଁ ଲାଗି ରହିଥିଲା। ଶ୍ରୀକୃଷ୍ଣ ସେହି କଣିକାକୁ ନିଜ ପାଟିରେ ପକାଇ କହିଲେ ଯେ ତାଙ୍କ ପେଟ ପୂରିଗଲା। ଆଶ୍ଚର୍ଯ୍ୟ ହେଲେ ଦ୍ରୌପଦି। ମାୟାଧରଙ୍କର ମାୟା ବୁଝିବାକୁ ସେ ଥିଲେ ଅକ୍ଷମ। ତେଣେ ସ୍ନାନ କରୁଥିବାବେଳେ ଋଷି ଦୁର୍ବାସା ଓ ତାଙ୍କର ଶିଷ୍ୟମାନଙ୍କ ଉଦରରେ କ୍ଷୁଧା ଆଉ ଦେଖାଗଲାନାହିଁ। ସେମାନଙ୍କର ଉଦର ଏପରି ପୂରି ଯିବାଭଳି ଲାଗିଲା ଯେ ସେମାନେ ଆଉ ପାଣ୍ଡବମାନଙ୍କର କୁଟୀରକୁ ନ ଆସି ଫେରିଗଲେ। ଏହା ଥିଲା ଭଗବାନ ଶ୍ରୀକୃଷ୍ଣଙ୍କର ଦୟା। କୌଣସି ଉଦ୍ଧତ, ଗର୍ବୀ ଓ ଅହଂକାରୀର ଗର୍ବ ଧ୍ୱଂସ କରିବା ନିମନ୍ତେ ପ୍ରଭୁଙ୍କର ଏହା ଥିଲା ଏକ ଲୀଳା। ଯାହାକୁ ତାଙ୍କର ମହାଶକ୍ତି ଭଗବତୀ କୃଷ୍ଣା ମଧ୍ୟ ଜାଣିପାରି ନଥିଲେ। ସେ ଥିଲେ ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ। ପାଣ୍ଡବମାନେ ତାଙ୍କର ଶରଣାଗତ ହୋଇନଥିଲେ କୌରବମାନଙ୍କର କ୍ରୋଧାଗ୍ନିରୁ ସେମାନେ ଆଦୌ ବଞ୍ଚି ପାରିନଥାନ୍ତେ। ଏହିଭଳି ବହୁ ଗପମାନଙ୍କର ସୃଷ୍ଟିରେ ସମୃଦ୍ଧ ହୋଇଛି ବିଭିନ୍ନ ପୁରାଣର ରଚନା। ଅତିଥିମାନଙ୍କର ଆତିଥେୟତା ପ୍ରତି ସମ୍ମାନ ଦେବାସହ ଅହଂକାରର ଧ୍ୱଂସ କରିବା ନିମନ୍ତେ ହୋଇଛି ଗପଟିର ସୃଷ୍ଟି। ପୁଣି ଏହା ଏକ ଜନଚେତନା କହିଲେ ଅତ୍ୟୁକ୍ତି ହେବନାହିଁ।

ସେହିଭଳି ଅନ୍ୟ ଏକ ପ୍ରସଙ୍ଗରେ ଦୁଇଜଣ ସାଧୁ ବ୍ରଜଭୂମିରେ ବୁଲୁଥିବାବେଳେ ଯଥେଷ୍ଟ ରାତ୍ରୀ ହୋଇଗଲା। କେଉଁ ସ୍ଥାନରେ ରହିବେ ତାହା ମଧ୍ୟ ସେମାନେ ଠିକ୍ କରିପାରିଲେ ନାହିଁ। ସନ୍ଧ୍ୟା ଆଗତ ହେବାସହ ରାତ୍ରୀ କ୍ରମଶଃ ବଢ଼ି ଚାଲିଥିଲା। ପଦବ୍ରଜରେ ଯାଉଥିବାବେଳେ ସେମାନଙ୍କ ନଜରରେ ଆସିଲା ଯମୁନା କୂଳର ବର୍ଷଣା ସହର। ଏହାଥିଲା ମାତା ରାଧାରାଣୀଙ୍କର ଜନ୍ମସ୍ଥାନ। ସନ୍ନ୍ୟାସୀ ଦୁଇଜଣ କିଛି ଚିନ୍ତା ନ କରି ସେହି ମନ୍ଦିରରେ ଯାଇ ପହଞ୍ଚିଗଲେ। ସେତେବେଳକୁ ଠାକୁରାଣୀଙ୍କ ପାଖରେ ଭୋଗ ସରିଯାଇଥିଲା। ସେବକମାନେ ମଧ୍ୟ ନିଜ ନିଜର ବାସଗୃହକୁ ଫେରିଯାଇଥିଲେ। କାହାର ସାକ୍ଷାତ ନ ପାଇ ସେମାନେ ମନ୍ଦିର ବାରଣ୍ଡାରେ ବିଶ୍ରାମ ନେଲେ। ଦିନଯାକର ପଥଶ୍ରମ ହେତୁ ସେମାନଙ୍କୁ ନିଦ୍ରା ଆସିଗଲା। ମାତ୍ର କିଛି ଖାଇ ନଥିବାରୁ ରାତ୍ରୀରେ ନିଦ ଭଲଭାବରେ ଲାଗୁନଥିଲା। ସେହି ରାତ୍ରୀରେ ସେବକମାନଙ୍କୁ କେହି ଜଣେ ସ୍ୱପ୍ନରେ କହିଥିଲେ ଯେ ମନ୍ଦିରରେ ଦୁଇଜଣ ଅତିଥି ଆସି ବିନା ଖାଦ୍ୟରେ ଶୋଇଯାଇଛନ୍ତି। ସେମାନଙ୍କୁ ତୁରନ୍ତ ଖାଇବାକୁ ଦିଅ। ଠାକୁରାଣୀଙ୍କର ପ୍ରତ୍ୟେକ ସେବକ ଏପରି ସ୍ୱପ୍ନ ଦେଖିଥିଲେ। ତତ୍‌କ୍ଷଣାତ ସେମାନେ ମନ୍ଦିରରେ ପହଞ୍ଚି ଦେଖିଲେ ଯେ ସେଠାରେ ଦୁଇଜଣ ସାଧୁ ଶୋଇରହିଛନ୍ତି। ସେମାନଙ୍କଠାରୁ ପ୍ରକୃତ ପରିଚୟ ସେବକମାନେ ନେବାପରେ ତୁରନ୍ତ ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହା ଥିଲା ଏକ ଲୋକକଥା। ବ୍ରଜଭୂମିରେ ଏହି ଗପଟି ବିଶେଷ ଭାବରେ ପ୍ରଚାରିତ। ଓଡ଼ିଶାର ରେମୁଣାଠାରେ ଥିବା କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିରରେ ମଧ୍ୟ ଏପରି ଗପ ପ୍ରଚଳିତ। ତେଣୁ ଜଣାଯାଏ ଯେ କୌଣସି ଅତିଥି ଆସି ପହଞ୍ଚିଗଲେ ଦେବତାମାନେ ବି ଥୟ ଧରି ରହିନଥାନ୍ତି। ସମାଜ ପ୍ରତି ଏହା ମଧ୍ୟ ଏକ ଦିବ୍ୟଚେତନା। ଅତିଥିମାନଙ୍କୁ ଆତିଥେୟତା ଦେବା ହେଉଛି ପ୍ରତ୍ୟେକ ଗୃହସ୍ଥର ପରମ କର୍ତ୍ତବ୍ୟ। ମାତ୍ର ବର୍ତ୍ତମାନ ଅତିଥିମାନଙ୍କ ପ୍ରତି ଯେପରି ବ୍ୟବହାର ଦେଖାଯାଉଛି ତାହା ବି ଅତି ନିନ୍ଦନୀୟ। ଆତିଥେୟତା ଦେବା ଆଳରେ ଅତିଥିମାନଙ୍କଠାରୁ ସେମାନଙ୍କର ବ୍ୟବହୃତ ଜିନିଷମାନ ଚୋରାଇ ନେବା ହେଉଛି କେତେକ ଠକଙ୍କର ପ୍ରମୁଖ କାର୍ଯ୍ୟ। ଏପରି କି କେତେକ ଅସାମାଜିକ ପ୍ରକୃତିର ବ୍ୟକ୍ତି ଅତିଥି ହୋଇଥିବା ଗୃହସ୍ଥର ଘରେ ପହଞ୍ଚି ଧ୍ୱଂସର ଲୀଳା ସୃଷ୍ଟି କରିଥାନ୍ତି। ମାତ୍ର ଆତିଥେୟତା ଯେ କେତେ ପବିତ୍ର ତାହା ପୁରାଣର ଏପରି ଗପମାନଙ୍କରୁ ଜଣାପଡିଥାଏ। ଏପରି ଗପ ମାଧ୍ୟମରେ ଅତିଥିମାନଙ୍କ ପାଇଁ ଜନସଚେତନତା ସୃଷ୍ଟି ହେବାର ଆବଶ୍ୟକତା ରହିଛି।

ପୁଣି ବାମନ ରୂପରେ ଭଗବାନ ବିଷ୍ଣୁ ବଳିଙ୍କ ରାଜଦରବାରରେ ଜଣେ ବ୍ରାହ୍ମଣ ଅତିଥି ଭାବରେ ପହଞ୍ଚି ତାଙ୍କଠାରୁ ଦାନ ମାଗିଥିଲେ। ମହାରାଜା ବଳି ତାଙ୍କର ଆତିଥେୟତାକୁ ସ୍ୱୀକାର କରି ଦାନ ଦେବା ନିମନ୍ତେ ଜଳତର୍ପଣ କରି ପ୍ରତିଶ୍ରୁତିବଦ୍ଧ ହୋଇଗଲେ। ଦାନ ଦେବା ନିମନ୍ତେ ଶପଥ କରିବା ପୂର୍ବରୁ ତାଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ ତାଙ୍କୁ ବହୁବାର ସେଥିରୁ ନିବୃତ୍ତ ହେବା ନିମନ୍ତେ ବାରଣ କରିଥିଲେ। ଏପରିକି ଜଳ ତର୍ପଣ କରୁଥିବା ଝରିର ନଳାରେ ମାଛି ରୂପରେ ରହି ଜଳରୋଧ କରିବାକୁ ତାଙ୍କର ଚେଷ୍ଟା ଥିଲା। ମାତ୍ର ବିଷ୍ଣୁ ମାୟା ଆଗରେ ଶୁକ୍ରାଚାର୍ଯ୍ୟଙ୍କର ଦମ୍ଭ ବା କେତେ? ଜଳ ନଳ ବାଟେ ନ ଆସିବାରୁ ବାମନ ରୂପୀ ଭଗବାନ କୁଶାଗ୍ରରେ ତାହାକୁ ସଫା କରିବାବେଳେ ଶୁକ୍ରାଚାର୍ଯ୍ୟଙ୍କର ଗୋଟିଏ ଆଖିରେ ତାହା ବାଜି ନଷ୍ଟ ହୋଇଗଲା। ସେଥିପାଇଁ ସେ କଣା ହୋଇଗଲେ। ବାମନ ରୂପୀ ବିଷ୍ଣୁ ବଳିଙ୍କୁ ତିନିଗୋଟି ଦାନ ଦେବା ନିମନ୍ତେ ଶପଥ କରାଇଥିଲେ। ତାହା ଥିଲା ଆକାଶ, ପୃଥିବୀ ଓ ପାତାଳର ଅଧିକାର। ଆକାଶ ଓ ପୃଥିବୀର ଦାନ ପରେ ନିଜର ନାଭିସ୍ଥଳରୁ ତୃତୀୟ ପାଦ ବାହାରି ବଳି ମହାରାଜାଙ୍କ ମସ୍ତକ ଉପରେ ରଖିବାରୁ ସେ ଭୂତଳକୁ ଚାଲିଯାଇଥିଲେ। ବଳି ଜାଣି ନଥିଲେ ଯେ ବାମନ ରୂପୀ ବ୍ରାହ୍ମଣ ହେଉଛନ୍ତି ସ୍ୱୟଂ ବିଷ୍ଣୁ। ତାଙ୍କର ଥିଲା ଅହଂକାର ଯେ ସେ ନିଜେ ଥିଲେ ଜଣେ ବଡ଼ ଦାନୀ। ବିଷ୍ଣୁ ଭକ୍ତ ହେଲେ ମଧ୍ୟ ସେହି ଅହଂକାର ହିଁ ତାଙ୍କୁ ରସାତଳଗାମୀ କରିଦେଇଥିଲା। କାରଣ ଭୂଲୋକରେ ତାଙ୍କ ଭଳି ରାଜା ରହିଗଲେ ଅହଂକାର ବଢ଼ିବ ମାତ୍ର କମିବ ନାହିଁ। ସେଥିପାଇଁ ପ୍ରଭୁଙ୍କର ଏହା ଥିଲା ଅହଂକାର ତ୍ୟାଗ ନିମନ୍ତେ ସମାଜ ପ୍ରତି ଦିବ୍ୟଚେତନା।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)
(କ୍ରମଶଃ)

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍,




ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା, ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢ଼ି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ। ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥିପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ'। ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

# ଶିକ୍ଷାନୀତି, ନୀତିଶିକ୍ଷା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଭାରତରେ 'ସମଗ୍ର ଶିକ୍ଷା ଯୋଜନା' କାର୍ଯ୍ୟକାରୀ ହେବ ୨୦୨୧ରୁ ୨୦୨୬ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ, ଯାହାର ବଜେଟ୍ ପ୍ରାୟ ୩ଲକ୍ଷ କୋଟି ଟଙ୍କା। ସେଥିରୁ କେନ୍ଦ୍ରର ଅଂଶ ରହିବ ପ୍ରାୟ ୨ଲକ୍ଷ କୋଟି । ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅଭିନବ ଅଧ୍ୟାୟର ଆରମ୍ଭ, ପ୍ରାକ୍ ବିଦ୍ୟାଳୟ ବା ଅଙ୍ଗନୱାଡ଼ି ଶିକ୍ଷା ୩ବର୍ଷ, ବିଦ୍ୟାଳୟ ଶିକ୍ଷା ପ୍ରଥମରୁ ଦ୍ୱାଦଶ ଶ୍ରେଣୀଯାଏ ୧୨ବର୍ଷ । ଛାତ୍ରମାନେ ପଢ଼ିବେ ଅଙ୍ଗନୱାଡ଼ିରେ ୩ବର୍ଷ ଓ ପ୍ରଥମ, ଦ୍ୱିତୀୟ ଶ୍ରେଣୀରେ ୨ବର୍ଷ ଏପରି ସମୁଦାୟ ୫ବର୍ଷ ; ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀରେ ୩ବର୍ଷ ; ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୩ବର୍ଷ ; ନବମ, ଦଶମ ଶ୍ରେଣୀ, ଯୁକ୍ତଦୁଇ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଏପରି ୪ବର୍ଷ, ଯେଉଁ ପଦ୍ଧତିକୁ କୁହାଯାଉଛି ୫+୩+୩+୪ । ଛାତ୍ରମାନେ ଯେପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀରେ ଠିକ୍ ଭାବରେ ପଢ଼ିପାରିବେ, ଲେଖିପାରିବେ, ହିସାବ କରିପାରିବେ ସେ ଦିଗରେ ପ୍ରତ୍ୟେକ ଛାତ୍ର ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ପାଇଁ ଖର୍ଚ୍ଚବହୁଳ ମାନୁଆଲ୍ ଯୋଗାଇଦିଆଯିବ । ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା ଅଛି । ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଡିଜିଟାଲ୍ ବ୍ୟବସ୍ଥା, ଛାତ୍ରମାନଙ୍କର ୟୁନିଫର୍ମ୍, ପାଠ୍ୟପୁସ୍ତକ, କ୍ରୀଡ଼ା ଓ ଶାରୀରିକ ଶିକ୍ଷା, ଛାତ୍ରାବାସ, ଛାତ୍ରୀମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ, ଶିକ୍ଷାନୁଷ୍ଠାନର ସୋସିଆଲ୍ ଅଡିଟ୍ ବ୍ୟବସ୍ଥା, ଛାତ୍ରମାନେ କିପରି ସ୍କୁଲ ଛାଡ଼ି ଯିବେ ନାହିଁ ଅର୍ଥାତ୍ ଶିକ୍ଷା ଗ୍ରହଣରେ ଆଗ୍ରହୀ ହେବେ, ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ଏପରି ଆହୁରି ଅନେକ ଦିଗ ପ୍ରତି ପ୍ରଶାସନର ବିଶେଷ ଧ୍ୟାନ ରହିବ ।

ଶିକ୍ଷାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି, ଛାତ୍ର ଅନ୍ତଃରାଷ୍ଟ୍ରୀୟ ଭାଷା ଇଂରାଜୀ ସମେତ ଯେକୌଣସି ଭାଷା ଶିକ୍ଷାକଲେ ବି ନିଜର ମାତୃଭାଷାରେ ଦକ୍ଷତାର ଅଧିକାରୀ ହେବା । ନିଜ ରାଜ୍ୟର ଓ ନିଜ ରାଷ୍ଟ୍ରର ସାଂସ୍କୃତିକ ଐତିହ୍ୟ, କଳାତ୍ମକ ଉତ୍କର୍ଷ ସାହିତ୍ୟିକ ଅଭିବ୍ୟକ୍ତି ସହିତ ପରିଚିତ ହେବା ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ ମହାବିଦ୍ୟାଳୟସ୍ତରୀୟ ସ୍ନାତକ ଶ୍ରେଣୀରେ ଇଂରାଜୀ ସମ୍ମାନର ଛାତ୍ର ବାଇବେଲ୍, ଭର୍ଜିଲ୍‌ଙ୍କ କାବ୍ୟ, ସେକ୍ସପିୟରଙ୍କ ନାଟକ, ଟମାସ୍ ହାର୍ଡ଼ିଙ୍କ ଉପନ୍ୟାସ, ଟଲଷ୍ଟୟଙ୍କ ଗଳ୍ପ, ଚାର୍ଲ୍ସ ମରଗାନ୍‌ଙ୍କ ସାହିତ୍ୟ ସମାଲୋଚନା ପଢ଼ିବା ସହିତ ବେଦ, ବ୍ୟାସଦେବଙ୍କ କାବ୍ୟ, କାଳିଦାସଙ୍କ ନାଟକ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ, ରବୀନ୍ଦ୍ରନାଥ ଠାକୁରଙ୍କ ଗଳ୍ପ ଓ ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ' ଇତ୍ୟାଦିର ଇଂରାଜୀ ଅନୁବାଦକୁ ପାଠ୍ୟପୁସ୍ତକ ଭାବରେ ପଢ଼ିବା ଏକ ଶୁଭ ସୂଚନା । ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରର ମନରେ ନିଜର ମାତୃଭାଷା ସମେତ ପ୍ରାଦେଶିକ ଓ ରାଷ୍ଟ୍ରୀୟ ସଂସ୍କୃତି ପ୍ରତି ଆଦର ଭାବ ଜାଗ୍ରତ କରିବା ଶିକ୍ଷାର ଏକ ପ୍ରମୁଖ ଦିଗ ।

ଅନ୍ୟ ଯେଉଁ ଚାରୋଟି ସୋପାନକୁ ଶିକ୍ଷା ସ୍ପର୍ଶ କରିବାର କଥା, ତାହାହେଲା ବିବେକାନୁମୋଦିତ ଚିନ୍ତନ, ବିଜ୍ଞାନସମ୍ମତ ଚେତନା, ସର୍ଜନଶୀଳ କଳ୍ପନା, ନୈତିକ ମୂଲ୍ୟବୋଧ । ଚିନ୍ତନ ବିବେକ ଦ୍ୱାରା ଅନୁମୋଦିତ ହେଲେ ମଣିଷ ସତ୍ ମାର୍ଗରେ ଗତିଶୀଳ ହେବ, ଚେତନା ବିଜ୍ଞାନସମ୍ମତ ହେଲେ ସେ ରୋଗର ଉପଶମ ପାଇଁ ଗୁଣିଗାରେଡ଼ି ପ୍ରୟୋଗ କରିବ ନାହିଁ କି ଡାହାଣି ସନ୍ଦେହରେ କାହାର ଜୀବନ ନାଶ କରିବ ନାହିଁ । ବିଜ୍ଞାନ କ୍ଷେତ୍ରରେ ନିଉଟନ୍, ଗାଲିଲିଓ, ଫାରାଡ଼େ, ଆଇନ୍‌ଷ୍ଟାଇନ୍, ସି.ଭି. ରମଣ, ଅବଦୁଲ୍ କଲାମ୍‌ଙ୍କର ସର୍ଜନଶୀଳତା ଆଜିକାଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରମାନଙ୍କର ପ୍ରଣିଧାନର ଯୋଗ୍ୟ। ଛାତ୍ର ଓ ସେମାନଙ୍କ ଅଭିଭାବକମାନେ ସ୍ମରଣ ରଖିବାର କଥା ଯେ କେବଳ ପାଠ୍ୟପୁସ୍ତକଗୁଡ଼ାକୁ ଶୁଆ ଭଳି ଘୋଷି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖିବା ଓ ବର୍ଷକୁ କୋଟି କୋଟି ଟଙ୍କା ପ୍ୟାକେଜ୍‌ରେ ଚାକିରି କରିବା ଦ୍ୱାରା ଶିକ୍ଷାର ଅସଲ ଉଦ୍ଦେଶ୍ୟ ପୂରଣ ହୁଏ ନାହିଁ ଶିକ୍ଷା ଗ୍ରହଣ କରୁଥିବା ପ୍ରତ୍ୟେକ ଛାତ୍ର ତା'ର ମସ୍ତିଷ୍କକୁ ଉଦ୍ଭାବନକ୍ଷମ ଅର୍ଥାତ୍ ନବନବ ରଚନାତ୍ମକ ଚିନ୍ତନର ଚାରୁଶାଳା ଓ ସମାଜକୁ ସେହି ଚିନ୍ତନଗୁଡ଼ିକର ପ୍ରୟୋଗଶାଳା କରିବାର କଥା । ଡିପ୍ଲୋମା ଡିଗ୍ରୀପ୍ରାପ୍ତ ପଦାଧିକାରୀ ମଣିଷ ନୈତିକ ମୂଲ୍ୟବୋଧଯୁକ୍ତ ହେଲେ କଳାଟଙ୍କା ରୋଜଗାର କରିବ ନାହିଁ, ଦୁର୍ବଳକୁ ଦୁର୍ବ୍ୟବହାର କରିବ ନାହିଁ ।

ଶିକ୍ଷାର ବିକାଶ ପାଇଁ ବଜେଟ୍‌ରେ ବିପୁଳ ଅର୍ଥ ବ୍ୟବସ୍ଥା ହେବା ଏକ ଅତି ଉତ୍ତମ ପଦକ୍ଷେପ । ଯୋଜନାକୁ କାର୍ଯ୍ୟକାରୀ କରି ବିକାଶ-ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସଂପୃକ୍ତ ସମସ୍ତଙ୍କର ଶକ୍ତିଶାଳୀ ଇଚ୍ଛା, ଅନ୍ତଃକରଣର ପ୍ରେରଣା, ସାଧୁ ଓ ସ୍ୱଚ୍ଛ କର୍ମାନୁଷ୍ଠାନର ଆବଶ୍ୟକତା ରହିଛି । ବ୍ୟକ୍ତି ଶିକ୍ଷିତ ହୋଇ ଶିକ୍ଷାର ମୂଳଧର୍ମ ବିବେକକୁ ସକଳ କ୍ଷେତ୍ରରେ ପ୍ରୟୋଗ କରି ନିଜର ନୈତିକ ଚରିତ୍ରକୁ ନିଜେ ଗଢ଼ିବାର ଉଦ୍ୟମ ଅବ୍ୟାହତ ରଖିଲେ ଜାତୀୟ ଚରିତ୍ର ଉନ୍ନତ ହେବ । ବ୍ୟକ୍ତିର ଆତ୍ମୋନ୍ନତି ଉଦ୍ଦେଶ୍ୟରେ ବହୁ ପୁସ୍ତକ ରଚନା କରିଥିବା ପ୍ରସିଦ୍ଧ ଲେଖକ ସାମୁଏଲ୍ ସ୍ମାଇଲ୍ସ ୧୯୧୦ ମସିହାରେ ପ୍ରକାଶିତ ତାଙ୍କର 'କ୍ୟାରେକ୍ଟର୍' ପୁସ୍ତକରେ ଲେଖିଛନ୍ତି, 'ଜୀବନର ମୁକୁଟ ଓ ଗୌରବ ହେଉଛି ଚରିତ୍ର । ଚରିତ୍ର ମଣିଷର ମହତ୍ତମ ସଂପଦ, ଯାହା ନିଜେ ଏକ 'ପଦ', ସର୍ବଜନୀନ ସଦିଚ୍ଛାର ଏକ ସାମ୍ରାଜ୍ୟ, ଏବଂ ଯାହା ମଣିଷର ପ୍ରତି ପଦକ୍ଷେପକୁ ମର୍ଯ୍ୟାଦାବନ୍ତ କରେ, ସମାଜରେ ମଣିଷର ସ୍ଥିତିକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରେ ।' ଚରିତ୍ର ପ୍ରଦୂଷିତ ହେଲେ ଲାଳସା, ଲୋଭ, ପ୍ରଲୋଭନଗ୍ରସ୍ତ ହୋଇ ମଣିଷର ଅଧଃପତନ ହୁଏ । ଫ୍ରାନ୍ସର ଦାର୍ଶନିକ ବ୍ଲାଇସ୍ ପାସ୍କାଲ୍ କହନ୍ତି, 'କେବଳ କାମନା, ଅହଂକାର ମଣିଷକୁ କ୍ଷମତା, ପଦ, ସମ୍ପଦ ଆଡ଼କୁ ଆକର୍ଷିତ କରେ, ନୀତିଚ୍ୟୁତ କରେ ।' ଉନ୍ନତ ଚରିତ୍ର ବଳରେ ମଣିଷ ନମ୍ର, ନୀତିନିଷ୍ଠ, ଦୃଢ଼ମନା, ସଦାଚାରୀ, ଅନ୍ୟର ବିଶ୍ୱାସଯୋଗ୍ୟ ହୁଏ, ଅନ୍ୟ ପ୍ରତି ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ କରେ ।' ଲେଖକ ଡାଭିଡ୍ ଆଇକମ୍ୟାନ୍ ତାଙ୍କର ଏକ ଲେଖାରେ କେତେକଙ୍କ ଚାରିତ୍ରିକ ବୈଶିଷ୍ଟ୍ୟର ବିଶ୍ଳେଷଣ କରି କହନ୍ତି, ଗାନ୍ଧିଜୀ ନିଜର ସଂକଳ୍ପ, ସାଧନା ବଳରେ ଗୋଟିଏ ବୃହଦାକାୟ ଉପମହାଦେଶ ପାଇଁ ସ୍ୱରାଜ୍ୟ ହାସଲ କଲେ, ଆବ୍ରାହାମ୍ ଲିଙ୍କନ୍ ବହୁ ଲୋକଙ୍କ ବିରୋଧ ସତ୍ତ୍ୱେ ଦାସପ୍ରଥାର ବିଲୋପ କଲେ, ବିଲି ଗ୍ରାହାମ୍ କୋଟି କୋଟି ଲୋକଙ୍କ ପ୍ରାଣରେ ଈଶ୍ୱରୀୟ ପ୍ରେମ ଓ ଆଶାର ସଂଚାର କଲେ, ମଦର୍ ଟେରେସା ସାରା ପୃଥିବୀର ଦୁଃସ୍ଥ-ଦରିଦ୍ରମାନଙ୍କ ପ୍ରତି କରୁଣାର ଭାବ ପ୍ରଦର୍ଶନ କଲେ, ଶୋଲ୍‌ଝେନିତ୍‌ସିନ୍ ନିଜର ନୈତିକ ଶକ୍ତି ଓ ସତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ବଳରେ କମ୍ୟୁନିଜମ୍ ବିରୋଧରେ ସଂଗ୍ରାମ କଲେ ଓ ନେଲ୍‌ସନ୍ ମାଣ୍ଡେଲା ତାଙ୍କ ଶତ୍ରୁମାନଙ୍କୁ, ଯେଉଁମାନେ ତାଙ୍କୁ ୨୭ବର୍ଷ ଧରି କାରାରୁଦ୍ଧ କରି ରଖିଥିଲେ, ସେମାନଙ୍କୁ କ୍ଷମା କରିଦେଲେ। ୨୦୨୧ ବର୍ଷ ଅଗଷ୍ଟ ୧୫ ତାରିଖରେ କିଛି ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁଯାୟୀ, ୩୮ବର୍ଷ ବୟସ୍କ ଶଙ୍କର ରାମଚନ୍ଦାନୀ ନିଜ ଜନ୍ମସ୍ଥାନ ବରଗଡ଼ ଜିଲ୍ଲା ପଦ୍ମପୁରରେ ମ୍ୟାଟ୍ରିକ୍ ଓ ଯୁକ୍ତଦୁଇ ଶିକ୍ଷା ସମାପ୍ତ କରିଥିଲେ । ପରେ ଡାକ୍ତରୀ ପାଠ ପଢ଼ି ଏବେ ମେଡିସିନ୍ ବିଭାଗର ସହକାରୀ ପ୍ରଫେସର୍ ବୀର ସୁରେନ୍ଦ୍ର ସାଏ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ୍ ରିସର୍ଚ୍ଚ ପ୍ରତିଷ୍ଠାନରେ ଯେଉଁଠି ପ୍ରତିଦିନ ନିଜର କର୍ତ୍ତବ୍ୟ ସଂପାଦନ ପରେ ସମାଜର ଦରିଦ୍ର, ଦୁର୍ବଳ, ନିଃସ୍ୱ, ବୟସ୍କ, ଭିନ୍ନକ୍ଷମମାନଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ୨୦୨୧ ବର୍ଷ ଫେବୃଆରୀ ୧୨ ତାରିଖରେ ବୁର୍ଲାଠାରେ ଆରମ୍ଭ କଲେ '୧ ଟଙ୍କିଆ କ୍ଲିନିକ୍ ।' ମାତ୍ର ୧ଟଙ୍କା ଦେଇ ବହୁ ସଂଖ୍ୟାରେ ରୋଗୀ ସେଠାରେ ଚିକିତ୍ସିତ ହେଲେ । ରୋଗୀମାନଙ୍କ ଠାରୁ ସଂଗୃହୀତ ୬,୩୧୮ଟଙ୍କାକୁ ସେ ଦାନ କରିଦେଲେ ବୁର୍ଲାର ଜଣେ ଗରିବ ଛାତ୍ରକୁ ପାଠ ପଢ଼ିବା ପାଇଁ । ପୁଣି ୨୦୨୧ ବର୍ଷ ଅଗଷ୍ଟ ୧୫ ତାରିଖରେ ନିଜ ଜନ୍ମସ୍ଥାନ ପଦ୍ମପୁରର କଚେରି ଛକରେ ଏକ ଘର ଭଡ଼ା ନେଇ ସେଠି ଆରମ୍ଭ କଲେ ଆଉ ଗୋଟିଏ '୧ ଟଙ୍କିଆ କ୍ଲିନିକ୍', ଯାହା ପ୍ରତି ମାସରେ ଦୁଇଦିନ ଖୋଲା ରହିବ । ତାଙ୍କ ବାପାଙ୍କର ଇଚ୍ଛା ଥିଲା ସେ ଡାକ୍ତର ହୋଇ ଦୁଃସ୍ଥ ଦରିଦ୍ର ରୋଗୀମାନଙ୍କର ସେବା କରନ୍ତୁ, ଯାହା ଆଜି ସଫଳ ହୋଇଛି । ପ୍ରକାଶିତ ଖବର ସହିତ ସଂଯୋଜିତ ଏକ ଚିତ୍ରରେ ଡ. ରାମଚନ୍ଦାନୀ ନିଜର ଦୁଇ ହାତରେ ଜଣେ ରୋଗୀକୁ ବୋହି ନେଉଛନ୍ତି ସମ୍ବଲପୁର କୁଷ୍ଠ କଲୋନିରୁ ନିଜ କାର୍ ନିକଟକୁ, ହସ୍ପିଟାଲ୍‌କୁ ନେଇ ଚିକିତ୍ସା କରାଇବା ଉଦ୍ଦେଶ୍ୟରେ । ଇଏ ହେଉଛି ପ୍ରକୃତ ନୀତିଶିକ୍ଷା ଯାହା ପ୍ରତିଫଳିତ ହୋଇଛି ଡ. ରାମଚନ୍ଦାନୀଙ୍କ ଜୀବନରେ । ସତରେ, ଶିକ୍ଷାନୀତିକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ବିପୁଳ ସମ୍ପଦ ବିନିଯୋଗ କରିବାକୁ ହୁଏ, ଅଥଚ ନୀତିଶିକ୍ଷାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବାକୁ ପ୍ରତି ବ୍ୟକ୍ତିକୁ ବିପୁଳ ସାଧନା ଉପଯୋଗ କରିବାକୁ ହୋଇଥାଏ । ଶିକ୍ଷାନୀତି ସହିତ ନୀତିଶିକ୍ଷାର ସମନ୍ୱୟ ଠିକ୍ ଅର୍ଥ ସହିତ ପରମାର୍ଥର ସମନ୍ୱୟ ଭଳି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୧ ଡିସେମ୍ବର ୨୦୨୪ ବୁଧବାର

# ଆଭା

# ସିଗାରେଟ୍ ଅପେକ୍ଷା ୮ ଗୁଣ ଅଧିକ ବିପଜ୍ଜନକ ହେଉଛି 'ବିଡ଼ି'





'ନୋ ସ୍ମୋକିଂ ଡେ' ପ୍ରତିବର୍ଷ ୧୩ ମାର୍ଚ୍ଚରେ ପାଳନ କରାଯାଏ । ଏହି ଦିନ ଧୂମପାନର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରାଯାଏ । ତେବେ ଧୂମପାନ ଦିବସର ୨ ଦିନ ପୂର୍ବରୁ ଲଖନଉର କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟି (କେଜିଏମୟୁ) ରେ ୧୮ ତମ ଲଗାତାର ମେଡିକାଲ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସମୟରେ ବିଶେଷଜ୍ଞମାନେ କହିଛନ୍ତି ଯେ, ସିଗାରେଟ୍ ଅପେକ୍ଷା ବିଡି ଆଠ ଗୁଣ ଅଧିକ କ୍ଷତିକାରକ ହୋଇପାରେ ।

ଅବଶ୍ୟ ବିଡି ବିଷୟରେ ଲୋକଙ୍କ ଏକ ସାଧାରଣ ବିଶ୍ୱାସ ଅଛି ଯେ, ଏଥିରେ ତମାଖୁ କମ୍ ଥାଏ ଏବଂ ସିଗାରେଟ୍ ଅପେକ୍ଷା କମ୍ କ୍ଷତିକାରକ । କିନ୍ତୁ ବିଶେଷଜ୍ଞଙ୍କ ଅନୁଯାୟୀ, ପତ୍ରର ପ୍ରତିକୂଳ ପ୍ରଭାବ ଏବଂ ଗଭୀର ନିଶ୍ୱାସ ପ୍ରଶ୍ୱାସ ଯୋଗୁଁ ବିଡି ସିଗାରେଟ୍ ଅପେକ୍ଷା ଅଧିକ ବିପଜ୍ଜନକ ବୋଲି ପ୍ରମାଣିତ ହୁଏ । ଦିଲ୍ଲୀର ବଲ୍ଲଭଭାଇ ପଟେଲ ଚେଷ୍ଟ ଇନଷ୍ଟିଚ୍ୟୁଟ୍ (ଭିପିସିଆଇ) ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ରାଜେନ୍ଦ୍ର ପ୍ରସାଦ ବିଡି ଏବଂ ସିଗାରେଟ୍ ତୁଳନା କରୁଥିବା ଏକ ଅଧ୍ୟୟନ ସାହାଯ୍ୟରେ ସୂଚନା ଦେଇଛନ୍ତି ଯେ, 'ଉଭୟ କ୍ଷତିକାରକ ବୋଲି ବିବେଚନା କରାଯାଏ, କିନ୍ତୁ ତମାଖୁରେ ପତ୍ର ଗୁଡ଼ାଇ ତିଆରି ହୋଇଥିବା ବିଡି ଜଳିବା ଦ୍ୱାରା ଅଧିକ ଧୂଆଁ ଉତ୍ପନ୍ନ ହୁଏ ।'

ପ୍ରଫେସର ରାଜେନ୍ଦ୍ର ପ୍ରସାଦ କହିଛନ୍ତି ଯେ, ଧୂମପାନକାରୀମାନେ ବିଡିକୁ ଆଲୋକିତ କରିବା ପାଇଁ ଗଭୀର ନିଶ୍ୱାସ ନିଅନ୍ତି, ଯାହା ଫୁସଫୁସରେ ଅଧିକ ଗୁରୁତର କ୍ଷତି କରିଥାଏ । ଯଦିଓ ବିଡିରେ ସିଗାରେଟ୍ ତୁଳନାରେ ଚାରି ଗୁଣ କମ୍ ତମାଖୁ ଥାଏ, କିନ୍ତୁ ଯଦି ଆମେ ବିଡିରେ ସମାନ ପରିମାଣର ତମାଖୁ ବ୍ୟବହାର କରୁ, ତେବେ ଏହା ଆଠ ଗୁଣ ଅଧିକ ବିପଜ୍ଜନକ ହେବ । କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟିରେ ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପ୍ରଖ୍ୟାତ ଡାକ୍ତରମାନେ ଛାତିର ଏକ୍ସ-ରେ ପରୀକ୍ଷା କରିଥିଲେ । ନର୍ଥ ଜୋନ୍ ଟିବି ଟାସ୍କ ଫୋର୍ସର ଚେୟାରମ୍ୟାନ୍ ଡ. ସୂର୍ଯ୍ୟକାନ୍ତ ଚେତାବନୀ ଦେଇଛନ୍ତି ଯେ ଛାତି ଏକ୍ସ-ରେ ଦେଖାଯାଉଥିବା ପ୍ରତ୍ୟେକ ଦାଗ ଟିବି ସୂଚାଏ ନାହିଁ । ସେ ଦର୍ଶାଇଛନ୍ତି ଯେ ଛାତି ଏକ୍ସ-ରେ ବିଭିନ୍ନ ରୋଗର ନିରାକରଣରେ ସହାୟକ ହୋଇପାରେ, କାରଣ ସେମାନଙ୍କ ମଧ୍ୟରୁ କେତେକ ଏକ୍ସ-ରେ ପ୍ରତିଛବିରେ ଯକ୍ଷ୍ମା ଭଳି ଦେଖାଯାଉଛି ।

# ଶୀତ ଦିନେ ଗୋଇଠିରେ ଲଗାନ୍ତୁ ମହୁ ଓ ଲେମ୍ବୁ



ଶୀତଦିନ ଆସିଗଲାଣି । ଶୀତ ଆସିଲେ ଅତ୍ୟଧିକ ଥଣ୍ଡା ହେତୁ ଅନେକ ପ୍ରକାରର ତ୍ୱଚା ଓ କେଶ ଜନିତ ସମସ୍ୟା ଦେଖାଦିଏ। ଆଉ ଏଥିରୁ ସବୁଠୁ ବଡ଼ ସମସ୍ୟା ହେଲା ଓଠ ଓ ଗୋଇଠି ଫାଟିବା । ସାଧାରଣତଃ ଶୀତ ଋତୁରେ ଅଧିକାଂଶ ଲୋକଙ୍କର ଗୋଇଠି ଫାଟୁଥିବାର ଦେଖାଯାଏ । ଆଉ ଏହି ସମସ୍ୟା ବଢ଼ିଯାଇ ଯନ୍ତ୍ରଣା ଓ ରକ୍ତସ୍ରାବ ମଧ୍ୟ ହୋଇଥାଏ । ଏଥିପାଇଁ ମହିଳାମାନେ ନିଜ ପସନ୍ଦର ଚପଲ ପିନ୍ଧିବା ପୂର୍ବରୁ ଅନେକ ଥର ଭାବିଥାନ୍ତି । ତେବେ ଏଭଳି କିଛି ଘରୋଇ ଉପଚାର ଅଛି। ଯାହାକୁ ଆପଣାଇବା ଦ୍ୱାରା ଗୋଇଠି ଫାଟିବାରୁ ରୋକିପାରିବେ।

ନଡିଆ ତେଲ ମାଲିସ୍: ଫଟା ଗୋଇଠି ପାଇଁ ଲାଭଦାୟକ ନଡିଆ ତେଲ । ରାତିରେ ଶୋଇବା ପୂର୍ବରୁ ନଡିଆ ତେଲରେ ଗୋଇଠିକୁ ମାଲିସ କରନ୍ତୁ । ଏହାଦ୍ୱାରା ଗୋଇଠିର ଫାଟିବା ସମସ୍ୟା କମିଥାଏ ।

ମହୁ ଓ ଲେମ୍ବୁ: ମହୁ ଓ ଲେମ୍ବୁ ରସକୁ ମିଶାଇ ଫଟା ଗୋଇଠିରେ ଲଗାନ୍ତୁ। ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

କଦଳୀ : ପାଚିଲା କଦଳୀକୁ ଚକଟି ଏଥିରେ ଅଳ୍ପ ମହୁ ମିଶାନ୍ତୁ । ଏହାପରେ ଫଟା ଗୋଇଠିରେ ଲଗାନ୍ତୁ । ୨୦-୩୦ ମିନିଟ୍ ଲଗାଇବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ଗୋଇଠି ଫାଟିବା ସମସ୍ୟା ଦୂର ହୋଇଥାଏ।

ଉଷୁମ ପାଣି: ଉଷୁମ ପାଣିରେ ଲୁଣ ପକାଇ ସେଥିରେ ପାଦକୁ ୧୫ରୁ ୨୦ ମିନିଟ୍ ରଖନ୍ତୁ । ଏହା ଫଟା ଗୋଇଠି ଠିକ୍ କରିବାରେ ସାହାଯ୍ୟ କରେ । ଭିଟାମିନ-ଇ ତେଲ: ଭିଟାମିନ ଇ କ୍ୟାପସୁଲ ତେଲକୁ ଫଟା ଗୋଇଠିରେ ଲଗାନ୍ତୁ । ଏଥିରେ ଗୋଇଠି ଜଲଦି ଠିକ୍ ହୋଇଯାଏ ।

ମଇଶ୍ଚରାଇଜର: ଦିନକୁ ଦୁଇରୁ ତିନି ଥର ଗୋଇଠିରେ ଲଗାନ୍ତୁ ମଇଶ୍ଚରାଇଜ। ଏହା ଗୋଇଠିକୁ ନରମ କରିବା ସହ ଫାଟିବା କମ୍ କରିଥାଏ। ରାଶି ତେଲ: ରାତିରେ ଶୋଇବା ପୂର୍ବରୁ ଗୋଇଠିରେ ରାଶି ତେଲ ମାଲିସ କରନ୍ତୁ । ସାଧାରଣତଃ ଶୀତ ଦିନ ହେବା ମାତ୍ରେ ତ୍ୱଚା ଶୁଷ୍କ ହୋଇଯାଏ । ତେଣୁ ଏହି ଦିନେ ଶରୀରର ବିଶେଷ ଯତ୍ନ ନେବା ଆବଶ୍ୟକ ।

# ଏହି ସବୁ ଜିନିଷ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହେ

ସୁସ୍ଥ ଶରୀର ପାଇଁ ଖାଦ୍ୟ ଭଲ ଭାବେ ହଜମ ହେବା ନିତାନ୍ତ ଆବଶ୍ୟକ। ଭୁଲ ଖାଦ୍ୟପେୟ ଓ ଜୀବନଶୈଳୀ କାରଣରୁ ହଜମ କ୍ରିୟା ଉପରେ କୁପ୍ରଭାବ ପଡିଥାଏ । ଏହାସହ ହଜମ ଶକ୍ତି ଧିରେ ଧିରେ ଦୁର୍ବଳ ହେବାକୁ ଆରମ୍ଭ କରିଥାଏ । ହଜମ କ୍ରିୟା ସଠିକ ଭାବେ କାର୍ଯ୍ୟ ନକରିବା ଦ୍ୱାରା ଅନେକ ସମସ୍ୟା ହୋଇଥାଏ । ଏଭଳି କେତେକ ପାନୀୟ ରହିଛି, ଯାହାକୁ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ ।

**ପାନମଧୁରୀ :** ହଜମ ଶକ୍ତିକୁ ଶକ୍ତିଶାଳୀ କରିବା ପାଇଁ ସକାଳେ ଖାଲି ପେଟରେ ପାନମଧୁରୀ ପାଣି ପିଇପାରିବେ। ପାନମଧୁରୀରେ ଫାଇବର, ଜିଙ୍କ, ଆଇରନ ଓ ପୋଟାସିୟମ ଭଳି ପୋଷକ ତତ୍ତ୍ୱ ରହିଛି। ପାନମଧୁରୀ ଖାଦ୍ୟକୁ ଭଲ ଭାବେ ହଜମ କରିବାରେ ସହାୟକ ହୋଇଥାଏ। ପାନମଧୁରୀ ପାଣି ପିଇବା ଦ୍ୱାରା ଏସିଡିଟି, ବାନ୍ତି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ। **ମେଥି ପାଣି :** ମେଥି ଦାନାରେ ଭିଟାମିନ ସି, ଫାଇବର, ମାଗ୍ନେସିୟମ, କ୍ୟାଲସିୟମ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ମେଥି ପାଣି ସେବନ ଦ୍ୱାରା ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବାରେ ସହାୟକ ହୋଇଥାଏ। ପାଚନ ତନ୍ତ୍ର ସୁସ୍ଥ ରହିଥାଏ । ଏଥିପାଇଁ ଏକ ଗ୍ଲାସ ପାଣିରେ ଅଳ୍ପ ମେଥି ଦାନା ପକାଇ ଏହାକୁ ଫୁଟାନ୍ତୁ ଏହାକୁ ପିଅନ୍ତୁ । ଏହାଦ୍ୱାରା ବଦହଜମି ସମସ୍ୟା ଦୂର ହୋଇଥାଏ। **ଅଦା ଓ ଗୋଲମରିଚ :** ଏହାର ପାଣି ପିଇବା ପାଚନ ତନ୍ତ୍ର ପାଇଁ ବେଶ ଲାଭଦାୟକ ହୋଇଥାଏ। ଅଦାରେ ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ରହିଛି । ଯାହା ପାଚନ ଜନିତ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଏହା ଏସିଡିଟି ଓ ବଦହଜମି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଅଦାରେ ଓ ଗୋଲମରିଚ ଋରେ ସାମାନ୍ୟ ମହୁ ମଧ୍ୟ ମିଶାଇ ପାରିବେ। ଏହାର ସେବନ କରିବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

# ଏହି କାରଣରୁ କଥା କହିବା ଶକ୍ତି ହରାଉଛନ୍ତି ଛୋଟ ପିଲା



ଏବେ ଅଧିକାଂଶ ମୋବାଇଲ୍ ନିଶାରେ ଚୁର୍। ଦିନ ରାତି ମୋବାଇଲ୍ ଦେଖୁଛନ୍ତି। କେତେବେଳେ ଫେସ୍‌ବୁକ୍ ତ କେତେବେଳେ ୟୁଟ୍ୟୁବ୍। ଏପରିକି ହ୍ୱାଟସ୍‌ଆପ୍ ପରି ସାମାଜିକ ଗଣମାଧ୍ୟମରେ ଅନେକ ସମୟ ଦେଉଛନ୍ତି। ଏତଦ୍‌ବ୍ୟତୀତ ଅନେକ ସୋସିଆଲ୍ ମିଡିଆ ଆପ୍ ଅଛି, ତା ସହ ଗେମିଂ ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ମୋବାଇଲ୍ ଦେଖିବା ନିଶାରେ ପଡିଯାଇଛନ୍ତି ।

ଏହାର ଅନେକକୁ ପରିଣାମ ରହିଛି। ମୋବାଇଲ୍‌ର ବ୍ଲୁରରେ ବା ନୀଳ ରଶ୍ମୀ ଯୋଗୁଁ ଦୃଷ୍ଟି ଶକ୍ତି ଖରାପ ହେଉଛି। ଏହା ମଣିଷର ଚିନ୍ତା କରିବା ଶକ୍ତି ଉପରେ ପ୍ରଭାବ ପକାଉଛି। ବେକ ଭାଙ୍ଗି ମୋବାଇଲ୍ ଦେଖିବା ଯୋଗୁଁ ନ୍ୟୁରୋ ବା ସ୍ନାୟୁ ତନ୍ତ୍ର ଉପରେ ପ୍ରଭାବ ପକାଉଛି । ସ୍ନାୟୁ ତନ୍ତ୍ରରେ ପ୍ରଭାବ ଯୋଗୁଁ ଅନେକ ବାକ୍‌ଶକ୍ତି ହରାଉଛନ୍ତି। କିମ୍ବା ସେମାନଙ୍କୁ କଥା କହିବାରେ ଅସୁବିଧା ହେଉଛି। ଶାରୀରିକ ପରିଶ୍ରମ , ଖେଳକୁଦ ବଦଳରେ ପିଲା ମୋବାଇଲ୍ ଦେଖିବାରୁ ସେମାନଙ୍କର ବିକାଶ ହେଉନାହିଁ । ଜାପାନରେ ୭ହଜାରର ଅଧିକପିଲାଙ୍କ ଉପରେ ଏହାକୁ ନେଇ ସର୍ବେକ୍ଷଣ କରାଯାଇଥିଲା। ଏଥିରୁ ପିଲାମାନଙ୍କର ସୃଜନଶୀଳତା, ବିଋର ଶକ୍ତି, ବୁଦ୍ଧିମତ୍ତା ଉପରେ ପ୍ରଭାବ ପଡୁଥିବା ଦେଖିବା ପାଇଁ ମିଳୁଛି ।

# ଏହି ଖାଦ୍ୟ ପାଇଁ ହୁଅନ୍ତୁ ସାବଧାନ

ଯଦି କୌଣସି ପାନୀୟ ଏକାସାଥୀରେ ମାଂସପେଶୀ, ହାଡ଼ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିପାରେ ତ ତାହା ହେଉଛି ଖିର। ଏହା ଅତ୍ୟନ୍ତ ପୁଷ୍ଟିକର, ଯାହା ସବୁ ବୟସର ଲୋକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ମନେରଖନ୍ତୁ, ଖୀର ଶରୀର ପାଇଁ ଉପକାରୀ ହେଲେ ବି ଏହାକୁ ସୀମା ମଧ୍ୟରେ ପିଇବା ଭଲ। ତେବେ ଏପରି କିଛି ଜିନିଷ ଅଛି ଯାହାକୁ ଖିର ସହ ମିଶାଇକି ଖାଇଲେ ଶରୀର ଉପରେ କୁପ୍ରଭାବ ପଡ଼େ। ପ୍ରତିଦିନ କ୍ଷୀର ପିଇଲେ ଆପଣ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ ବି୧୨, ଭିଟାମିନ ବି୨, ପଟାସିୟମ୍, ଫସଫରସ୍, ଭିଟାମିନ ଏ ଏବଂ ଭିଟାମିନ ଡି ପାଇପାରିବେ। ଏହା ଆପଣଙ୍କ ହାଡ ଏବଂ ମାଂସପେଶୀକୁ ମଜବୁତ୍ କରାଇଥାଏ। ତେଣୁ ଖୀରକୁ ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚନା କରାଯାଏ। ଲୋକମାନେ ଜଳଖିଆରେ ଖୀର ସହିତ ଅନେକ ଫଳ ଖାଇଥାନ୍ତି । ବାସ୍ତବରେ, ଫଳ ସହିତ ଫଳ ଖାଇବା ଅନୁଚିତ । ବିଶେଷକରି ଲେମ୍ବୁ ଏବଂ କମଳା ପରି ଖଟା ଫଳ କେବେବି ଖିର ସହିତ ଖାଇବା ଉଚିତ ନୁହେଁ । ଏହାକୁ ଏକାଠି ଖାଇଲେ ପେଟରେ ଏସିଡ ବଢ଼ିଯାଏ ଏବଂ ଭଲ ହଜମ ହୁଏନାହିଁ। ଏହା ଗ୍ୟାସ, ପେଟ ଯନ୍ତ୍ରଣା, ପେଟ ଫୁଲିବା, ହୃଦଘାତର କାରଣ ହୋଇପାରେ । ଖୀର ଖାଇସାରି ଖଟାଜାତୀୟ ଖାଦ୍ୟ ଖାଇଲେ ତାହା ପେଟରେ ଛିଣ୍ଡିଯାଏ। ଅଧିକାଂଶ ଲୋକ ଖିର ସହ କଦଳୀ ଖାଇବାକୁ ଖୁବ୍ ଭଲପାଆନ୍ତି ।

# ଅମୃତଭଣ୍ଡା ଖାଇବା ଦ୍ୱାରା ହୋଇଥାଏ ଭଲ ନିଦ



କୋଲାଇନ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯାହା ଅମୃତଭଣ୍ଡାରେ ମିଳିଥାଏ । ଯଦିଓ ଏହା ଶରୀର ଭିତରେ ମଧ୍ୟ ଉତ୍ପନ୍ନ ହୁଏ, କିନ୍ତୁ ତୁମେ ଏହା ସହ ଜଡିତ ଜିନିଷ ଖାଇବା ଉଚିତ । ଯାହା ଦ୍ୱାରା ଶରୀରରେ ଏହାର ଅଭାବ ହୋଇନଥାଏ । ଅନେକ ଥର ଲୋକମାନେ ଆବଶ୍ୟକ ଅନୁଯାୟୀ କୋଲାଇନ ଗ୍ରହଣ କରିବାରେ ସକ୍ଷମ ହୁଅନ୍ତି ନାହିଁ। ତେବେ ଆସନ୍ତୁ ଜାଣିବା ଏହି ଜିନିଷ ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ଏହାକୁ କିପରି ହାସଲ କରିପାରିବା।

କୋଲାଇନ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଶରୀରର ସାଧାରଣ କାର୍ଯ୍ୟ ପାଇଁ କୋଲାଇନ ଆବଶ୍ୟକ, ଏହା ଆପଣଙ୍କ ଯକୃତରୁ ଅଳ୍ପ ପରିମାଣରେ ମଧ୍ୟ ମୁକ୍ତ ହୋଇଥାଏ । ଏହା ସ୍ନାୟୁ ପ୍ରଣାଳୀ, ମେଟାବୋଲିଜିମ୍, ମସ୍ତିଷ୍କ ବିକାଶ ଏବଂ ମାଂସପେଶୀ ଗତି ପାଇଁ ଗୁରୁତ୍ୱପୂର୍ଣ୍ଣ । କୋଲାଇନ ଆପଣଙ୍କୁ ଭଲ ନିଦ ଦେଇଥାଏ। ଶୋଇବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶୋଇବା ସମୟରେ ଶରୀର ନିଜକୁ ସଜାଡ଼ିଥାଏ, ଏବଂ ମସ୍ତିଷ୍କ ସ୍ମୃତିର ପ୍ରକ୍ରିୟା ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟ କରେ। ନିଦ୍ରାର ଅଭାବ କିମ୍ବା ନିଦ୍ରାର ଗୁଣବତ୍ତା ଅନେକ ସମସ୍ୟା ସୃଷ୍ଟି କରିପାରେ, ଯେପରିକି ଲଘୁଋପ, ଥକାପଣ, ଉତ୍ତେଜନା, କରୋନା ରୋଗ, ହୃଦରୋଗ ଆଶଙ୍କା ବଢିଯାଏ।

**ଶୋଇବା ପାଇଁ କୋଲାଇନ ଯୁକ୍ତ ଖାଦ୍ୟ ଖାଆନ୍ତୁ**

୧.ପାଚିଲା ଅମୃତଭଣ୍ଡା: ଏହା ଏକ ଅତି ସାଧାରଣ ଫଳ ଯାହା ସାଧାରଣତ ଭଲ ହଜମ ପାଇଁ ଆଯାଏ, ଯେଉଁ କାରଣରୁ ପେଟରେ କୌଣସି ସମସ୍ୟା ନଥାଏ ଏହି ଫଳ ଖାଇବା ଦ୍ୱାରା ଶରୀର କୋଲାଇନ ପାଇଥାଏ, ଯାହା ସାହାଯ୍ୟରେ ଆପଣ ଶାନ୍ତିପୂର୍ଣ୍ଣ ନିଦ ପାଇପାରିବେ।

୨. ଅଣ୍ଡା: ଅଣ୍ଡାକୁ କୋଲାଇନ୍‌ର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ, ବିଶେଷତ ଯଦି ଆପଣ ହଳଦିଆ ହଳଦିଆ ଖାଆନ୍ତି, ତେବେ ଆପଣ ଏହି ପୁଷ୍ଟିକର ଖାଦ୍ୟର ଅଭାବ ପାଇବେ ନାହିଁ ଏବଂ ଆପଣଙ୍କ ନିଦ ମଧ୍ୟ ଭଲ ରହିବ । ଗୋଟିଏ ବଡ ଅଣ୍ଡାରେ ପ୍ରାୟ ୧୪୭ ମିଗ୍ରା କୋଲାଇନ ଥାଏ।

୩. ଚିକେନ୍: ଚିକେନ ସାଧାରଣତ ପ୍ରୋଟିନ ପାଇବା ପାଇଁ ଶରୀରକୁ ମଜବୁତ କରିଥାଏ, କିନ୍ତୁ ଯଦି ଆପଣ ଏହାକୁ ନିୟମିତ ପରିମାଣରେ ଖାଆନ୍ତି, ତେବେ ଆପଣ କୋଲାଇନ ପାଇବେ ୧୦୦ ଗ୍ରାମ। ରନ୍ଧା ଚିକେନ୍‌ରେ ପ୍ରାୟ ୭୩ ମିଗ୍ରା କୋଲିନ ଥାଏ।

# ଆପଣ ବି ପିଉଛନ୍ତି କି କମ୍ ପାଣି ଦେଖାଦେବ ଏହି ସବୁ ସମସ୍ୟା



ଶରୀରକୁ ଖାଦ୍ୟ ଯେତିକି ଆବଶ୍ୟକ ପାଣି ବି ସେତିକି ଜରୁରୀ । ହେଲେ ଶୀତ ଦିନେ ଥଣ୍ଡା ପବନ ଯୋଗୁଁ ଲୋକମାନେ କମ୍ ପାଣି ପିଇଥାନ୍ତି । ଯାହା ସମ୍ପୂର୍ଣ୍ଣ ଭୁଲ୍ । ଖରା ହେଉ କି ଶୀତ ଋତୁ, ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ନିହାତି ଆବଶ୍ୟକ । ତେଣୁ ଯଦି ଆପଣ କମ୍ ପାଣି ପିଉଛନ୍ତି ତେବେ କଣ ସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଆସନ୍ତୁ ଜାଣିବା । ଡିହାଇଡ୍ରେସନ: ପ୍ରତ୍ୟେକ ବୟସରେ ଶରୀରରେ ଜଳର ଅଭାବ ଦେଖିବାକୁ ମିଳିଥାଏ। ବିଶେଷକରି ଛୋଟ ପିଲାଙ୍କ ଶରୀରରେ ଜଳାଭାବ ହେଲେ ପାଟି ଓ ଜିଭ ଶୁଖିଯିବା, କାନ୍ଦିଲେ କମ୍ ଲୁହ ବୋହିଲା, ପରିସ୍ରା କମିବା ଭଳି ଲକ୍ଷଣ ନଜର ଆସିଥାଏ । ତେଣୁ ଶୀତ ଦିନେ ବି ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଆବଶ୍ୟକ । ମୁଣ୍ଡବିନ୍ଧା: କମ୍ ପାଣି ପିଉଥିଲେ ମୁଣ୍ଡବିନ୍ଧା ସମସ୍ୟା ବଢ଼ିଥାଏ। ଶରୀରରେ ଜଳ ଅଭାବ ଯୋଗୁଁ ମସ୍ତିଷ୍କ କୋଶିକାଗୁଡିକ ସଙ୍କୁଚିତ ହୋଇ ଏହି ସମସ୍ୟା ଦେଖାଯାଏ । ଏଥିସହ ପେଟରେ ଏସିଡ ସୃଷ୍ଟି ହୋଇ ଗ୍ୟାସ୍ କରେ । ମୋଟାପା: କମ୍ ପାଣି ପିଇବା ଦ୍ୱାରା ମୋଟା ହେବାର ଆଶଙ୍କା ଥାଏ । କାରଣ ଗୋଟିଏ ଦିନରେ ଆମେ କେତେ ଖାଦ୍ୟ ଖାଉ ତା' ଉପରେ ନିର୍ଭର କରି ଶରୀର ପାଇଁ ଆବଶ୍ୟକ ପାଣି ପିଇବା ଉଚିତ୍ । ନହେଲେ ଖାଦ୍ୟ ଭଲରେ ହଜମ ହୋଇନଥାଏ। ମୁଖ ଦୁର୍ଗନ୍ଧ: କମ୍ ମାତ୍ରାରେ ପାଣି ପିଇଲେ ଗଳା ଓ ପାଟି ଶୁଖିଯାଏ । ଏହାଯୋଗୁଁ ପାଟିରେ ବ୍ୟାକ୍ଟେରିଆ ଜମା ହୋଇ ପାଟିରୁ ଦୁର୍ଗନ୍ଧ ହୋଇଥାଏ । ସେହିପରି ଶରୀରରେ ଜଳ ଅଭାବ ହେଲେ ଝାଳ ବୋହିବା ଓ ପରିସ୍ରା ମଧ୍ୟ କମ୍ ହୋଇଥାଏ। ଥକ୍କାପଣ, ଶୁଷ୍କ ତ୍ୱଚା:ଶରୀର ସକ୍ରିୟ ଭାବେ କାର୍ଯ୍ୟ କରିବା ପାଇଁ ଜଳ ଆବଶ୍ୟକ । ଜଳର ଅଭାବ ହେଲେ ଟିକିଏ କାମ କରିବା ପରେ ଭାରି ଥକ୍କା ଅନୁଭବ ହୋଇଥାଏ। ସେହିପରି ଜଳାଭାବ ହେତୁ ଚର୍ମ ଶୁଷ୍କ ହୋଇଯିବା, କୁଣ୍ଡେଇ ହେବା, ଡାର୍କ ସର୍କଲ ଓ ଚର୍ମ କୁଞ୍ଚନ ଭଳି ସମସ୍ୟା ଦେଖାଯାଏ ।

# କ୍ରୋଧକୁ କିପରି କରିବେ ନିୟନ୍ତ୍ରଣ, ଆପଣାନ୍ତୁ ଏହି ଟିପ୍ସ



କଥାରେ ଅଛି 'ରାଗ ବ୍ରହ୍ମ ଚଣ୍ଡାଳ' । ରାଗିଥିବା ଲୋକ ଠିକ୍ ଭୁଲର ବିଚାର କରିପାରିନଥାନ୍ତି । ସେହି ସମୟରେ କାହାକୁ ବା କଣ କହି ଦିଅନ୍ତି ତାହା ଜାଣିପାରନ୍ତି ନାହିଁ। କଥା କଥାରେ ରାଗିଯିବା ଅନେକ ସମସ୍ୟାର କାରଣ ହୋଇଥାଏ । କ୍ରୋଧ ଯେ କେବଳ ମାନସିକ ଶାନ୍ତି ଖରାପ କରେ ତାହା ନୁହେଁ ସମ୍ପର୍କ ମଧ୍ୟ ବିଗାଡିଥାଏ । ରାଗିବା ଅନେକ ରୋଗର କାରଣ ମଧ୍ୟ ହୋଇଥାଏ। ତେବେ ଆପଣ ଟିକେ ଟିକେ କଥାରେ ଚିଡି ଯାଉଛନ୍ତି କି ? ଯଦି ଆପଣଙ୍କ ଉତ୍ତର ହଁ ତେବେ ସତର୍କ ରୁହନ୍ତୁ। ରାଗକୁ ନିୟନ୍ତ୍ରଣ କରନ୍ତୁ । ରାଗ ରୋକିବାକୁ କଣ ଉପାୟ ଆପଣେଇବେ ଜାଣନ୍ତୁ ଏହି ରିପୋର୍ଟରେ ।

ସାମାନ୍ୟ ରାଗ ସ୍ୱାଭାବିକ ମାତ୍ର ପ୍ରତି କଥାରେ ରାଗିବା ଛୋଟ ଛୋଟ କଥାରେ କ୍ରୋଧିତ ହେବା ବିଭିନ୍ନ ସମସ୍ୟାରେ ପକାଇଥାଏ। ଅତ୍ୟଧିକ ରାଗିବା ମାନସିକ ଓ ଶାରୀରିକ ଭାବେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଅତ୍ୟଧିକ କ୍ରୋଧ ହୃଦଘାତ, ବ୍ରେନ ହାମରେଜ ଭଳି ଗମ୍ଭୀର ସମସ୍ୟା ଆଣିଥାଏ । ତେଣୁ କ୍ରୋଧକୁ ନିୟନ୍ତ୍ରଣକୁ ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

କ୍ରୋଧକୁ ନିୟନ୍ତ୍ରଣକୁ ଆଣିବାର ଉପାୟ:

କହିବା ଆଗରୁ ଭାବନ୍ତୁ- କଥାରେ ଅଛି ପାଟିରୁ ଯାହା ଥରେ ବାହାରେ ତାହା ଆଉ ଫେରେ ନାହିଁ । ଅନେକ ସମୟରେ ରାଗରେ କାହାକୁ କଣ କେତେବେଳ କହିଦେଇଥାନ୍ତି ତାହା ଜଣାନଥାଏ । ଏହା ଦ୍ୱାରା ସମ୍ପର୍କ ଖରାପ ହୁଏ । ତେଣୁ କହିବା ଆଗରୁ ଭାବିବାକୁ ହେବ।

ମନ କଥା କୁହନ୍ତୁ- ଆପଣଙ୍କ ରାଗ ଯଦି ଶାନ୍ତ ହୋଇଯାଉଛି ତେବେ ମନ କଥା ଚିନ୍ତାଧାର ପ୍ରକାଶ କରନ୍ତୁ । ହାଲୁକା ଅନୁଭବ କରିବେ । ଚିନ୍ତାଧାର ସ୍ପଷ୍ଟ ଥିଲେ ତୁମ କଥା କାହାକୁ କଷ୍ଟ ଦେବ ନାହିଁ । ରାଗ ବି ନିୟନ୍ତ୍ରଣକୁ ଆସିବ ।

ବାୟ୍ୟାମ କରନ୍ତୁ- କ୍ରୋଧକୁ କମ କରିବା ଏବଂ ଚାପରୁ ଦୂରେଇ ରହିବା ପାଇଁ ଧ୍ୟାନ,ଯୋଗ ଓ ପ୍ରାଣାୟମ କରନ୍ତୁ । ସାଙ୍ଗ ଓ ପରିବାର ସହିତ ସମୟ ବିତାନ୍ତୁ ଏହା ମାନସିକ ଶାନ୍ତି ଦେବ । ଯଦି କ୍ରୋଧ ନିୟନ୍ତ୍ରଣକୁ ନ ଆସେ ତେବେ ଯୋଗ ଏକ ଉତ୍ତମ ଉପାୟ ଯାହା ଏହି ସମସ୍ୟାରୁ ମୁକୁଳିବାକୁ ବାଟ କଢାଇବ ।

ଭ୍ରମଣ କରନ୍ତୁ- କୌଣସି ସ୍ଥାନକୁ ବୁଲିଯିବା କେବଳ ପିଲାମାନଙ୍କ ପାଇଁ ନୁହେଁ । ନିଜକୁ ବ୍ରେକ ଦିଅନ୍ତୁ । କୌଣସି ସ୍ଥାନକୁ ବୁଲି ଯିବାକୁ ପ୍ଲାନ କରନ୍ତୁ ଯାହା ଆପଣଙ୍କୁ ମାନସିକ ଶାନ୍ତି ଦେବ।

ସମ୍ଭାବ୍ୟ ସମାଧାନ ବାଛନ୍ତୁ- ଯଦି ଆପଣଙ୍କୁ କିଛି ଜିନିଷ ଚିନ୍ତିତ କରିଛି ତାହା ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ । ଏହା ପରିବର୍ତ୍ତେ ସମାଧାନ ପାଇଁ କାର୍ଯ୍ୟ କରନ୍ତୁ । ସର୍ବଦା ମନେ ରଖନ୍ତୁ କ୍ରୋଧ କେବେବି କୌଣସି ସମସ୍ୟାର ସମାଧାନ ନୁହେଁ ।

କ୍ରୋଧରେ ଏକ ହରମୋନର ଭୂମିକା ରହିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ କ୍ରୋଧିତ ହେଲେ ଆଡ୍ରେନାଲାଇନ ପରି ଷ୍ଟ୍ରେସ ହରମୋନ ଶୀଘ୍ର ରିଲିଜ ହୁଏ । ଏହି ହରମୋନ ରକ୍ତ ବାହିକାକୁ ସଂକୁଚିତ କରେ। ଫଳରେ ଶ୍ୱାସକ୍ରିୟା କ୍ଷୀପ୍ର ହୋଇଥାଏ ଏବଂ ରକ୍ତଚାପ ବଢିଥାଏ । ଯାହା ହାର୍ଟ ଉପରେ ପ୍ରଭାବ ପକାଏ । ଅତ୍ୟଧିକ ରାଗିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ତେଣୁ ରାଗ ନିୟନ୍ତ୍ରଣ କରି ଏକ ସୁସ୍ଥ ସୁନ୍ଦର ଜୀବନ ବଞ୍ଚନ୍ତୁ ।

# ଓଡ଼ିଶା ମାଷ୍ଟର୍ସ ୨୦୨୪ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା : ମାନବ ଚୌଧୁରୀ ବିଜୟୀ




**କଟକ**

କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା ମାଷ୍ଟର୍ସ ୨୦୨୪ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା। କୋର୍ଟ ୧ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ମାନବ ଚୌଧୁରୀ ପୁରୁଷ ଏକକ ଯୋଗ୍ୟତା ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍ସର ମହମ୍ମଦ ମୁନାୱରଙ୍କୁ ୨୧-୧୬, ୨୧-୧୨ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ଭାରତର ରାଜେଶ ଶ୍ରୀକର ୧୧-୨୧, ୨୧-୨୩ରେ ଚୀନ୍‌ର ଲିଉ ୟୁ ଜୁଆନଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଗଗନ ବାଲିୟାନ ଚୀନ୍‌ର ୱାଙ୍ଗ ଜି ଜୁନଙ୍କଠାରୁ ୧୨-୨୧, ୧୧-୨୧ରେ ପରାସ୍ତ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଅମାନ ମହମ୍ମଦ ଓ ସିମରନ ସିଂହୀ ଓଡ଼ିଶାର କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ହରି ଭାରତୀ ବାସ୍କରନ.ପି ଓ ନରଧନା ରବିଶଙ୍କର ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି।

## ୧୪ରୁ ଗାବାରେ ତୃତୀୟ ଟେଷ୍ଟ

# ମଧ୍ୟକ୍ରମରେ ବ୍ୟାଟିଂ କରିବେ ରୋହିତ

**ନୂଆଦିଲ୍ଲୀ**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପିଙ୍କ୍ ବଲ୍ ଟେଷ୍ଟ ଶେଷ ହୋଇସାରିଛି। ଭାରତ ଏହି ମ୍ୟାଚ୍‌ରେ ଲଜ୍ଜାଜନକ ଭାବେ ୧୦ ୱିକେଟରେ ହାରିଯାଇଛି। ମ୍ୟାଚ୍ ସରି ଯାଇଥିଲେ ହେଁ ଭାରତୀୟ ଖେଳାଳି ଆଡିଲେଡ୍ ନେଟ୍ସରେ ଅଭ୍ୟାସ ଜାରି ରଖିଛନ୍ତି। ଆଡିଲେଡ୍ ଟେଷ୍ଟ ୨ ଦିନ ଓ ଗୋଟିଏ ସେସନ୍‌ରେ ଶେଷ ହୋଇଯାଇଥିଲା। ମ୍ୟାଚ୍ ଶୀଘ୍ର ଶେଷ ହୋଇଯାଇଥିବାରୁ ବିରାଟ କୋହଲି, ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ଭଳି ଖେଳାଳି ତୃତୀୟ ଟେଷ୍ଟ ପାଇଁ ବ୍ରିସ୍‌ବେନର ଗାବାକୁ ଯିବା ପୂର୍ବରୁ ଆଡିଲେଡ୍‌ରେ ନେଟ୍ସ କରିଛନ୍ତି।

ଡିସେମ୍ବର ୧୪ରୁ ଗାବାରେ ତୃତୀୟ ଟେଷ୍ଟ ଆରମ୍ଭ ହେବ। ଏହା ପୂର୍ବରୁ ରୋହିତ ଶର୍ମା ନିଜ ବ୍ୟାଟିଂ ପୋଜିସନକୁ ନେଇ ବଡ଼ ସଙ୍କେତ ଦେଇଛନ୍ତି। ଦ୍ୱିତୀୟ ଟେଷ୍ଟରେ ରୋହିତ ୬ନଂରେ ବ୍ୟାଟିଂ କରିଥିଲେ। ସେ ଯଥାକ୍ରମେ ୩ ଓ ୬ ରନ କରିବାକୁ କ୍ରିକେଟ ପଣ୍ଡିତମାନେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ କରିଛନ୍ତି। କିଛି ପୂର୍ବତନ କ୍ରିକେଟର ରୋହିତ ଶର୍ମାଙ୍କୁ ଗାବାରେ ଓପନିଂ କରିବାକୁ ମଧ୍ୟ



ପରାମର୍ଶ ଦେଇଛନ୍ତି। ସେହିପରି କେଏଲ ରାହୁଲ ୫ କିମ୍ବା ୬ନଂରେ ବ୍ୟାଟିଂ କରିପାରିବେ ବୋଲି ସେମାନେ କହିଛନ୍ତି। ହେଲେ ଭାରତୀୟ ଦଳର ଅଧିନାୟକ ରୋହିତ କିଛି ବି ପରିବର୍ତ୍ତନ କରିବା ମୁଡ୍‌ରେ ନଥିବା ଭଳି ଲାଗୁଛି।

ଅତିକମ୍‌ରେ ସେ ଆଉ ଗୋଟିଏ ମ୍ୟାଚ୍ ମଧ୍ୟକ୍ରମରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ମଙ୍ଗଳବାର ଆଡିଲେଟରେ ଭାରତ ଜୋରଦାର ନେଟ୍ସରେ ଅଭ୍ୟାସ କରିଛି। ଏହି ସମୟରେ ବ୍ୟାଟିଂ ଅର୍ଡରରେ କୌଣସି ପରିବର୍ତ୍ତନ ନ ହେବାର ସଙ୍କେତ ମିଳିଛି। ନେଟ୍ସରେ ବିରାଟ କୋହଲି ଉଭୟ ବ୍ୟାକ୍‌ଫୁଟ୍ ଓ ଫ୍ରଣ୍ଟଫୁଟ୍‌ର ଅଭ୍ୟାସ କରିଛନ୍ତି। ରୋହିତ ମଧ୍ୟକ୍ରମରେ କେମିତି ବ୍ୟାଟିଂ କରିବେ, ତା'ର ଅଭ୍ୟାସ କରିଛନ୍ତି। ନେଟ୍ସ ବେଳେ ପ୍ରଥମେ କେଏଲ ରାହୁଲ ଓ ଯଶସ୍ୱୀ ବ୍ୟାଟିଂ କରିବାକୁ ଆସିଥିଲେ। ଏହାପରେ ଗିଲ୍ ଆସିଥିଲେ। ଶେଷରେ ବିରାଟ, ରୋହିତ ଓ ଋଷଭ ପନ୍ତ ନେଟ୍ସ କରିଥିଲେ। ଏଥିରୁ ଜଣାପଡୁଛି ଯେ ରୋହିତ ଗାବା ଟେଷ୍ଟରେ ରାହୁଲଙ୍କୁ ମଧ୍ୟକ୍ରମକୁ ଆଣିବା ପାଇଁ ଚାହୁଁ ନାହାନ୍ତି।

ରୋହିତ ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସବୁବେଳେ ଓପନ କରୁଥିଲେ। ହେଲେ ପର୍ଥ ଟେଷ୍ଟରେ ସେ ବ୍ୟକ୍ତିଗତ କାରଣ ପାଇଁ ନ ଖେଳିବାରୁ ଜୈସୱାଲଙ୍କ ସହ କେଏଲ ରାହୁଲ ଓପନ କରିଥିଲେ। ଉଭୟ ଦମ୍‌ଦାର ବ୍ୟାଟିଂ କରିବାରୁ ଆଡିଲେଡ୍‌ରେ ଏହି ଯୋଡ଼ିକୁ ରିପିଟ୍ କରାଯାଇଥିଲା। ରୋହିତ ପିଙ୍କ ବଲ ଟେଷ୍ଟ ଖେଳିଥିଲେ ହେଁ ୬ନଂରେ ବ୍ୟାଟିଂ କରିଥିଲେ। ହେଲେ ଦ୍ୱିତୀୟ ଟେଷ୍ଟରେ ଉଭୟ ରାହୁଲ ଓ ରୋହିତ ଫେଲ ମାରିଥିବାରୁ ବ୍ୟାଟିଂ ଅର୍ଡର ପରିବର୍ତ୍ତନକୁ ନେଇ ଚର୍ଚ୍ଚା ହେଉଛି।

# ଅଭ୍ୟାସ ଅଧିବେଶନରେ ଆହତ ହେଲେ ପନ୍ତ




**ନୂଆଦିଲ୍ଲୀ**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଗାବାରେ ଖେଳାଯିବାକୁ ଯାଉଛି, ଯେଉଁଥିପାଇଁ ସମସ୍ତେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। କିନ୍ତୁ ଏହି ମ୍ୟାଚ୍ ଆରମ୍ଭ ପୂର୍ବରୁ ଅଭ୍ୟାସ ଅଧିବେଶନରେ ଋଷଭ ଆହତ ହେବାପରେ ଭାରତୀୟ ପ୍ରଶଂସକଙ୍କ ମନ ଖରାପ ହୋଇଯାଇ ଥିଲା। ଆହତ ହେବା ପରେ ତୁରନ୍ତ ଅଭ୍ୟାସ ବନ୍ଦ ହୋଇଗଲା। ଷ୍ଟାର ୱିକେଟ କିପର-ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ଗାବା ଟେଷ୍ଟ ପୂର୍ବରୁ ଅଭ୍ୟାସ ଅଧିବେଶନରେ ଆହତ ହେବାପରେ ଭାରତୀୟ କ୍ରିକେଟ ଦଳର ଚିନ୍ତା ବଢାଇ ଦେଇଥିଲେ। ପନ୍ତ ସଙ୍ଗେ ସଙ୍ଗେ ଅଭ୍ୟାସ ବନ୍ଦ କରି ବାହାରକୁ ଚାଲି ଯାଇଥିଲେ। ବାସ୍ତବରେ ବ୍ରିସବେନ ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆ ବହୁତ ପରିଶ୍ରମ କରୁଛି। ଯେଉଁଠାରେ, ନେଟ୍‌ରେ ଥ୍ରୋଡାଉନ ବିଶେଷଜ୍ଞ ରଘୁଙ୍କୁ ସାମ୍ନା କରୁଥିବାବେଳେ ଏକ ବଲ ତାଙ୍କ ଶରୀରର ଉପର ଭାଗରେ ଧକ୍କା ଦେଇଥିଲା। ଏହା ପରେ ସେ ଅନକମ୍ଫଟେବଲ ଦେଖାଯାଇଥିଲେ ଏବଂ ସେଠାରେ ଅଭ୍ୟାସ ବନ୍ଦ କରିଦେଲେ। ସଙ୍ଗେ ସଙ୍ଗେ ଡାକ୍ତରୀ ଟିମ୍ ତାଙ୍କୁ ଯାଞ୍ଚ କରି ୱିକେଟ କିପର-ବ୍ୟାଟ୍ସମ୍ୟାନଙ୍କର କୌଣସି ଆଘାତ ନଥିବା ସୁନିଶ୍ଚିତ କରିଥିଲେ ଏବଂ ଖୁସି ଖବର ହେଉଛି ପନ୍ତ ଅଭ୍ୟାସ ଆରମ୍ଭ କରିଛନ୍ତି। ଗତ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଭାରତୀୟ ଦଳ ଗାବା ଦୁର୍ଗକୁ ଜୟ କରିଥିଲା। ହଁ, ବ୍ରିସବେନରେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ସେହି ମ୍ୟାଚ୍ ଜିତିବା ପାଇଁ ପନ୍ତ ୧୩୮ ବଲର ସମ୍ମୁଖୀନ ହୋଇଥିଲେ ଏବଂ ୮୯ ରନର ଅପରାଜିତ ମ୍ୟାଚ ଜିତି ଇନିଂସ ଖେଳିଥିଲେ। କଙ୍ଗାରୁ ବୋଲରଙ୍କ ଉପରେ ଆକ୍ରମଣ କରୁଥିବାବେଳେ ସେ ୯ ଚୌକା ଓ ୧ ଛକା ମାରିଥିଲେ। ଏହି ଐତିହାସିକ ବିଜୟର ହିରୋ ଋଷଭ ପନ୍ତଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜିଲ୍ଲା କ୍ରିକେଟ୍ ଆସୋସିଏସନ ବୌଦ୍ଧର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିଅମ ଠାରେ ଜିଲ୍ଲା କ୍ରିକେଟ୍ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ଉପ ସଭାପତି ଲମ୍ବୋଦର ପୁରୋହିତ ମଞ୍ଚାସୀନ ଥିଲେ। ସମ୍ପାଦକ ଯୁଗଳ କିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଦସ୍ୟ, ଖେଳାଳି ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ସେହିପରି ଇଣ୍ଡୋର ଷ୍ଟାଡିଅମଠାରେ ଏକ ବ୍ୟାଡମିଣ୍ଟନ କୋର୍ଟକୁ ମଧ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

# ବୋଲିଂ ପାଇଁ ନୁହେଁ, ବରଂ ବିସ୍ଫୋରକ ବ୍ୟାଟିଂ ପାଇଁ ଚର୍ଚ୍ଚାକୁ ଆସିଲେ ଶାମି




**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ସ୍ପିଡ୍‌ଷ୍ଟାର ମହମ୍ମଦ ଶାମି ପୁଣିଥରେ ଚର୍ଚ୍ଚାରେ। ସବୁବେଳେ ନିଜ ବୋଲିଂ ପାଇଁ ଚର୍ଚ୍ଚାରେ ରହୁଥିବା ଶାମି ଖୁବ୍‌ଶୀଘ୍ର ଭାରତୀୟ ଟିମ୍‌କୁ ଫେରିବେ। ଏପରିକି ତାଙ୍କୁ ଅଷ୍ଟ୍ରେଲିଆରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଶେଷ ୨ଟି ଟେଷ୍ଟରେ ମଧ୍ୟ ଦେଖିବାକୁ ମିଳିବ। ଏହାପୂର୍ବରୁ ଶାମି ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଛନ୍ତି। କିନ୍ତୁ ଏଥର ସେ ନିଜର ବୋଲିଂ ପାଇଁ ନୁହେଁ, ବରଂ ବିସ୍ଫୋରକ ବ୍ୟାଟିଂ ପାଇଁ ଚର୍ଚ୍ଚାକୁ ଆସିଛନ୍ତି।

ଶାମି ତାଙ୍କ ବିସ୍ଫୋରକ ଇନିଂସରେ ୩ଟି ଚୌକା ଓ ୨ଟି ବଡ଼ ଛକା ମାରିଛନ୍ତି। ବେଙ୍ଗଲ ୧୬ ଓଭର ସୁଦ୍ଧା ୮ ୱିକେଟ ହରାଇ କେବଳ ୧୧୪ ରନ କରିଥିଲା। ଏତିକି ବେଳେ ବ୍ୟାଟିଂ କରିବାକୁ ଆସିଥିଲେ ଶାମି। ସେ ନିଜ ବ୍ୟାଟ୍‌କୁ ଖଣ୍ଡା ଭଳି ବୁଲାଇ ଚଣ୍ଡିଗଡ଼ର ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ। ୧୮୮.୨୪ ଷ୍ଟ୍ରାଇକ୍ ରେଟ୍‌ରେ ଶାମି ବ୍ୟାଟିଂ କରିବାରୁ ବେଙ୍ଗଲ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ କରିପାରିଥିଲା। ଟପ୍ ଅର୍ଡରେ କରନ ଲାଲ ବେଙ୍ଗଲ ପାଇଁ ସର୍ବାଧିକ ୨୫ ବଲରେ ୩୩ ରନ କରିଥିଲେ। ଶାମି ଦ୍ୱିତୀୟ ସର୍ବୋଚ୍ଚ ସ୍କୋର ମ୍ୟାଚ୍‌ରେ ସାଜିଛନ୍ତି।

ପ୍ରଦୀପ ପରମାଣିକ ୨୪ ବଲରେ ୩୦ ଓ ରିତିକ ଚାଟାର୍ଜୀ ୧୨ ବଲରେ ୨୮ ରନର ଇନିଂସ ଖେଳିଛନ୍ତି। ବେଙ୍ଗଲ ୧୫୯ ରନରେ ଅଟକିବାରୁ ଚଣ୍ଡିଗଡ଼ ଏହାକୁ ଚେଜ୍ କରିବା ଆରମ୍ଭ କରିଥିଲା। ହେଲେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କେବଳ ୧୫୬ ରନ କରିପାରିଥିଲା। ବେଙ୍ଗଲ ୩ ରନରେ ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୋଲିଂରେ ଶାମି ୪ ଓଭରରେ ୨୫ ରନ ଦେଇ ଗୋଟିଏ ୱିକେଟ ନେଇଛନ୍ତି।

ତେବେ ବେଙ୍ଗଲକୁ ମ୍ୟାଚ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ସାୟନ ଘୋଷ। ସେ ୪ ଓଭରରେ ୩୦ ରନ ଦେଇ ୪ ୱିକେଟ ଦଖଲ କରିବାରୁ ଚଣ୍ଡିଗଡ଼ ୧୬୦ ରନର ଟାର୍ଗେଟକୁ ଛୁଇଁବାରେ ସକ୍ଷମ ହୋଇ ନଥିଲା। ଏଥିପାଇଁ ଘୋଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଛି।

# ଡବ୍ଲୁଟିସି ଫାଇନାଲ ଠାରୁ ଗୋଟିଏ ବିଜୟ ଦୂରରେ ଦକ୍ଷିଣ ଆଫ୍ରିକା, ବଢ଼ିଲା ଭାରତର ସମସ୍ୟା

**ଜିକବରା**

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ଖେଳିବାକୁ ଦକ୍ଷିଣ ଆଫ୍ରିକାକୁ ମିଳିଛି ବଡ଼ ବୁଷ୍ଟର। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଦିନିକିଆକୁ ଦଳ ୧୦୯ ରନରେ ଜିତି ନେଇଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ ମୂଳପୋଛ କରିବା ପରେ ଦକ୍ଷିଣ ଆଫ୍ରିକା ଏବେ ଡବ୍ଲୁଟିସି ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ପହଞ୍ଚିଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟକୁ ଖସି ଥିବା ବେଳେ ଭାରତ ପୂର୍ବଭଳି ତୃତୀୟ ସ୍ଥାନରେ ରହିଛି।

ଦକ୍ଷିଣ ଆଫ୍ରିକା ଏବେ ଫାଇନାଲରେ ନିଜର ସ୍ଥାନ ପକ୍କା କରିବା ପାଇଁ ପାକିସ୍ତାନ ବପିକ୍ଷରେ ବାକି ରହିଥିବା ୨ଟି ଟେଷ୍ଟ ମଧ୍ୟରୁ କେବଳ ଗୋଟିଏ ଜିତିବା ଆବଶ୍ୟକ କରୁଛି। ଦକ୍ଷିଣ ଆଫ୍ରିକା ଡବ୍ଲୁଟିସି ପଏଣ୍ଟ ଟେବୁଲରେ ୬୩.୩୩% ବିଜୟ ପ୍ରତିଶତ ସହ ୧ନଂରେ ରହିଛି। ପାକିସ୍ତାନ ବିପକ୍ଷରେ ଦଳ ନିଜ ଗଡ଼ରେ ୨ଟି ଟେଷ୍ଟ ଖେଳିବ। ଯଦି ଏହି ସିରିଜରେ ୧-୧ରେ ଡ୍ର' ରହୁଛି, ତା'ହେଲେ ମଧ୍ୟ ଦଳ ଫାଇନାଲ ଖେଳିପାରିବ। ଭାରତ କିମ୍ବା ଅଷ୍ଟ୍ରେଲିଆ ମଧ୍ୟରୁ ଜଣେ ହିଁ ୧ନଂରେ ପହଞ୍ଚିବେ। ଯଦି ଉଭୟ ଟେଷ୍ଟ ଡ୍ର ରହୁଛି, ତା'ହେଲେ ଦକ୍ଷିଣ ଆଫ୍ରିକାର ପଏଣ୍ଟ ୫୮.୩୩କୁ ଖସିବ। ଏପରି ସ୍ଥିତିରେ ଯଦି ଭାରତ ୩-୨ରେ ଅଷ୍ଟ୍ରେଲିଆକୁ ହରାଉଛି ଓ ଅଷ୍ଟ୍ରେଲିଆ ବାକି ଦୁଇଟି ଟେଷ୍ଟରେ ଶ୍ରୀଲଙ୍କାକୁ ମାତ୍ ଦେଇ ପାରିବ, ତା'ହେଲେ ଭାରତ(୫୮.୭୭) ଓ ଅଷ୍ଟ୍ରେଲିଆ (୬୦.୫୩) ଫାଇନାଲ ଖେଳିବେ।

ଯଦି ଦକ୍ଷିଣ ଆଫ୍ରିକା ଘରୋଇ ମାଟିରେ ପାକିସ୍ତାନ ଠାରୁ ୦-୧ରେ ଟେଷ୍ଟ ସିରିଜ ହାରିଯାଉଛି, ତା'ହେଲେ ଦଳ ଚାହିଁବ ଯେ ଅଷ୍ଟ୍ରେଲିଆ ବାକି ରହିଥିବା ୫ ଟେଷ୍ଟ ମଧ୍ୟରୁ ଗୋଟିଏ ହେଲେ ନ ଜିତୁ। କିମ୍ବା ଭାରତ ବାକି ରହିଥିବା ୩ଟି ଟେଷ୍ଟରୁ ଗୋଟିଏରୁ ଅଧିକ ନ ଜିତୁ କିମ୍ବା ଗୋଟିଏରୁ ଅଧିକ ଡ୍ର ନ ରହୁ ବୋଲି ଦକ୍ଷିଣ ଆଫ୍ରିକା ଚାହିଁବ। ଯଦି ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କା ନିଜ ମାଟିରେ ଦୁଇଟି ଯାକ ଟେଷ୍ଟ ଜିତୁଛି, ତା'ହେଲେ ଦଳ ସର୍ବାଧିକ ୫୩.୮୫ ବିଜୟ ପ୍ରତିଶତ ପଏଣ୍ଟରେ ପହଞ୍ଚିବ। ଏପରି ସ୍ଥିତିରେ ଦଳକୁ ଅନ୍ୟ ମ୍ୟାଚ ଗୁଡ଼ିକର ରେଜଲ୍ଟ ଉପରେ ନିର୍ଭର କରିବାକୁ ପଡ଼ିବ। ଶ୍ରୀଲଙ୍କା ଚାହିଁବ ଯେ ଭାରତ ଗୋଟିଏରୁ ଅଧିକ ବିଜୟ କିମ୍ବା ଡ୍ର ନ ପାଉ। ଅଷ୍ଟ୍ରେଲିଆ ମଧ୍ୟ ଭାରତ ବିପକ୍ଷରେ ୨ଟି ବିଜୟ ହାସଲ କରୁ। ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଦୁଇଟି ଯାକ ମ୍ୟାଚ୍ ହାରୁ ବୋଲି ଶ୍ରୀଲଙ୍କା ଚାହିଁବ।




ଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ବାକି ରହିଥିବା ୩ଟି ମ୍ୟାଚ୍‌ରୁ ଅତିକମ୍‌ରେ ୨ଟି ଜିତିବାକୁ ପଡ଼ିବ ଓ ଗୋଟିଏକୁ ଡ୍ର କରିବାକୁ ପଡ଼ିବ। ଏହାଦ୍ୱାରା ଭାରତର ବିଜୟ ପ୍ରତିଶତକ ପଏଣ୍ଟ ୬୦.୫୩କୁ ବୃଦ୍ଧି ପାଇବ। ଏପରି ସ୍ଥିତିରେ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯିବ। ଅଷ୍ଟ୍ରେଲିଆ ଯଦି ଶ୍ରୀଲଙ୍କା ବିପକ୍ଷରେ ୨-୦ରେ ସିରିଜ ଜିତିବ, ତା'ହେଲେ ବି ଦଳର ପଏଣ୍ଟ ସଂଖ୍ୟା ୫୭.୦୨ ହୋଇ ରହିବ।

ଭାରତ ୩-୨ରେ ଅଷ୍ଟ୍ରେଲିଆକୁ ଯଦି ବର୍ଡର-ଗାଭାସ୍କର ଟ୍ରଫିରେ ହରାଉଛି, ତା'ହେଲେ ଫାଇନାଲରେ ପହଞ୍ଚିବା ରେସ ଆହୁରି ରୋମାଞ୍ଚକର ହୋଇଯିବ। ଏପରି ସ୍ଥିତିରେ ଭାରତକୁ ଶ୍ରୀଲଙ୍କାର ସହାୟତା ଦରକାର। ଜାନୁଆରୀ ୨୯ରୁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ସିଂହଳ ଟିମ୍ ଅତି କମରେ ଡ୍ର କରିପାରିଲେ, ଭାରତ ଫାଇନାଲ ଯାଇ ପାରିବ।

ଯଦି ବର୍ଡର-ଗାଭାସ୍କର ଟ୍ରଫି ୨-୨ରେ ଡ୍ର ରହିଲା, ତା'ହେଲେ ଭାରତ ପାଇଁ ଫାଇନାଲରେ ପହଞ୍ଚିବା ଅତି କଷ୍ଟକର ହୋଇପଡ଼ିବ। ଏପରି ସ୍ଥିତିରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ଶ୍ରୀଲଙ୍କା ଠାରୁ ଜିତିବାକୁ ପଡ଼ିବ, ଯାହା ଦକ୍ଷିଣ ଆଫ୍ରିକା କରି ସାରିଛି ଓ ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ଠାରୁ ୦-୨ରେ ହାରିବାକୁ ପଡ଼ିବ।

ଅଷ୍ଟ୍ରେଲିଆକୁ ଭାରତ ବିପକ୍ଷରେ ବାକି ରହିଥିବା ୩ଟି ଟେଷ୍ଟରୁ ଅତି କମରେ ୨ଟି ଜିତିବାକୁ ପଡ଼ିବ। ଏପରି ସ୍ଥିତିରେ ଯଦି ଦଳ ଶ୍ରୀଲଙ୍କା ଠାରୁ ମଧ୍ୟ ୦-୨ରେ ହାରୁଛି, ତା'ହେଲେ ମଧ୍ୟ ୫୫.୨୬ ପଏଣ୍ଟ ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିବ। କିନ୍ତୁ ଯଦି ଅଷ୍ଟ୍ରେଲିଆ ୨-୩ରେ ଭାରତ ଠାରୁ ପରାସ୍ତ ହେଉଛି, ତା'ହେଲେ ଟିମ୍ ଇଣ୍ଡିଆର ପଏଣ୍ଟ ୫୮.୭୭କୁ ବୃଦ୍ଧି ପାଇବ।

ଏହି ସ୍ଥିତିରେ ଅଷ୍ଟ୍ରେଲିଆକୁ ଯେମିତି ହେଲେ ବି ଶ୍ରୀଲଙ୍କା ବିପକ୍ଷ ସିରିଜକୁ ୨-୦ରେ ଜିତିବାକୁ ପଡ଼ିବ। ଏହାବାଦ ଯଦି ଶ୍ରୀଲଙ୍କା ବିପକ୍ଷରେ ଦଳ ଗୋଟିଏରେ ଜିତିଛୁ ଓ ଆଉ ଗୋଟିଏ ମ୍ୟାଚ ଡ୍ର ରହୁଛି, ତା'ହେଲେ ଦକ୍ଷିଣ ଆଫ୍ରିକା ଗୋଟିଏରୁ ଅଧିକ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଡ୍ର' ନ କରୁ ବୋଲି ଅଷ୍ଟ୍ରେଲିଆ ଚାହିଁବ।

# ହରଭଜନ ସିଂଙ୍କ ଥ୍ରୀ ଇନ ୱାନ ଫର୍ମୁଲାରେ ଗାବା ଜିତିବ ଟିମ୍ ଇଣ୍ଡିଆ !

**ନୂଆଦିଲ୍ଲୀ**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ବରାବର ରହିଛି। ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ରୁ ବ୍ରିସବେନର ଗାବାରେ ଖେଳାଯିବ। ପୂର୍ବତନ ବରିଷ୍ଠ ସ୍ପିନର ହରଭଜନ ସିଂ ଗାବା ବିଜୟ ପାଇଁ ଭାରତକୁ ଥ୍ରୀ ଇନ ୱାନ ଫର୍ମୁଲା ଦେଇଛନ୍ତି। ସେ କହିଛନ୍ତି, ଯଦି ଭାରତୀୟ ଦଳ ଏହି ମ୍ୟାଚ୍‌ରେ ତାଙ୍କର ତିନୋଟି ପରାମର୍ଶ ଲାଗୁ କରେ ତେବେ ବିଜୟ ନିଶ୍ଚିତ। ସେ ଭାରତୀୟ ଦଳ ପାଇଁ ମୁଣ୍ଡ ବିନ୍ଧାର ଉପଚାର ମଧ୍ୟ ଜଣାଇଛନ୍ତି। ଉଲ୍ଲେଖନୀୟ ଭାରତୀୟ ଦଳ ପର୍ଥ ଟେଷ୍ଟରେ ୨୯୫ ରନରେ ଜିତିଥିଲେ ମଧ୍ୟ ଆଡିଲେଡରେ ୧୦ ୱିକେଟ୍‌ରେ ଲଜ୍ଜାଜନକ ପରାଜୟ ଭୋଗିଛି।

ହରଭଜନ ଷ୍ଟାରସ୍ପୋର୍ଟ୍ସ ସହ ଆଲୋଚନା ବେଳେ କହିଛନ୍ତି, ସର୍ବପ୍ରଥମେ ଭାରତକୁ ଭଲ ବ୍ୟାଟିଂ କରିବାକୁ ପଡ଼ିବ। ଆଡିଲେଡ୍‌ରେ ଦଳର ବ୍ୟାଟିଂ ବହୁତ ନିରାଶଜନକ ଥିଲା। ପାର୍ଟନରସିପ ଦେଖିବାକୁ ମିଳିଲାନି। ପ୍ରଥମେ ୩୦-୪୦ ରନ ଛୋଟ ଛୋଟ ପାର୍ଟନରସିପ କରନ୍ତୁ, ସୁଯୋଗ ପାଇଲେ ପୁଣି ଏହାକୁ ବଡ଼



ଭାଗିଦାରୀରେ ପରିଣତ କରନ୍ତୁ। ଦଳ ପର୍ଥରେ ଏମିତି ଭାଗିଦାରୀ କରିଥଲା। ଗୋଟିଏ ପାର୍ଟନରସିପ ହିଁ ଆମକୁ ମ୍ୟାଚ୍ ଜିତାଇଥିଲା। ଗାବାରେ ଦ୍ୱିତୀୟ ଇନିଂସରେ ୩୦୦-୩୫୦ ରନ କରିଥିଲେ। କିନ୍ତୁ ଆଡିଲେଡ୍‌ରେ କୌଣସି ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ପାରି ନ ଥିଲେ। ନୀତିଶ ରେଡ୍ଡୀଙ୍କ ବ୍ୟାଟରୁ ସର୍ବାଧିକ ୪୨ ରନ ଆସିଥିଲା।

ପୂର୍ବତନ ସ୍ପିନର କହିଛନ୍ତି, ବୋଲିଂରେ ଆମକୁ ଯୋଜନା ମୁତାବକ ପ୍ରଦର୍ଶନ କରିବାକୁ ପଡ଼ିବ। ଟ୍ରେଭିସ ହେଡ୍ ସର୍ବଦା ଭାରତୀୟ ଦଳକୁ ଅଡୁଆରେ ପକାଇ ଆସିଛନ୍ତି। ସେ ପଏଣ୍ଟ ଓ କଭର ଦିଗରେ ଅଧିକ ରନ କରୁଛନ୍ତି। ଆପଣ ହେଡ୍‌ଙ୍କୁ ସିଧା ଖେଳାନ୍ତୁ। ବଲ୍‌କୁ କିଛିଟା ଆଗରେ ପକାନ୍ତୁ। ତାଙ୍କୁ ଲେଗ୍ ଷ୍ଟମ୍ପ ଦିଗରେ ରନ କରିବାକୁ ଦିଆଯାଉ। ବାଉନ୍ସ ବୋଲିଂ କରନ୍ତୁ। କାରଣ ସେ ବାଉନ୍ସ ଭଲ ଖେଳି ପାରୁ ନାହାନ୍ତି। ମୋତେ ଲାଗୁଛି ଏହି ଯୋଜନା ହେଡ୍ ?ଙ୍କ ପାଇଁ ଠିକ୍ ରହିପାରେ। ହେଡ୍ ଆଡିଲେଡ୍‌ରେ ୧୪୦ ରନର ଧୂଆଁଧାର ଇନିଂସ ଖେଳିଥିଲେ ଓ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ହରଭଜନ ସିଂ କହିଛନ୍ତି, ତୃତୀୟ କଥା ଦଳରେ ଗୋଟିଏ ପରିବର୍ତ୍ତନ ହେବା ଉଚିତ୍। ହର୍ଷିତ ରାଣାଙ୍କ ଜାଗାରେ ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣ ଓ ଆକାଶଦୀପଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ୍ କରିବା ଉଚିତ୍। ମୁଁ କହୁନି ହର୍ଷିତ ରାଣାଙ୍କ ପ୍ରଦର୍ଶନ ଖରାପ। ମାତ୍ର ଗୋଟିଏ ପରିବର୍ତ୍ତନ କଲେ ଦଳ ପାଇଁ ଠିକ୍ ରହିପାରେ। ଗାବାର ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଇ ଆସିଛି। ସେହି ପିଚ୍‌ରେ ଦ୍ରୁତ ବୋଲର ବହୁତ ୱିକେଟ୍ ନେଇଛନ୍ତି। ମୋ ମତରେ ପ୍ରସିଦ୍ଧଙ୍କ ପାଖରେ ବାଉନ୍ସ ରହିଛି ଏବଂ ସେ ଏହି ପିଚ୍‌ରେ ପ୍ରଭାବଶାଳୀ ହୋଇ ପାରନ୍ତି। ଭାରତ ଯଦି ଏହି ତିନୋଟି ଜିନିଷ ଲାଗୁ କରିବ ତେବେ ଦଳର ବିଜୟ ସୁନିଶ୍ଚିତ।

# କଟକରେ ଡ୍ରେନ୍ ନିର୍ମାଣ ବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣାର ହେବ ଉଚ୍ଚସ୍ତରୀୟ ତଦନ୍ତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବିଡ଼ାନାସୀରେ ଡ୍ରେନ୍ ନିର୍ମାଣବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣାର ହେବ ଉଚ୍ଚସ୍ତରୀୟ ତଦନ୍ତ। ଦୋଷୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ। ଏଭଳି ପ୍ରତିକ୍ରିୟା ଦେଇଛନ୍ତି ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର। ବିନା କାର୍ଯ୍ୟାଦେଶରେ କାମ ଚାଲୁଥିବା ସିଏମ୍‌ସି କମିଶନର ସ୍ୱୀକାର କରିଥିଲେ। ଏପଟେ କ୍ଷତିପୂରଣ ଦାବିରେ ମୃତ ଶଙ୍କରଙ୍କ ମୃତଦେହ ରଖି ସାହି ଲୋକ ରାସ୍ତାରୋକ କରିଥିଲେ। ଅପରପକ୍ଷେ ଶଙ୍କରଙ୍କ ମୃତ୍ୟୁପରେ ଏବେ ୫ ପ୍ରାଣୀ କୁଟୁମ୍ବ ଚଳାଇବା ଚିନ୍ତାରେ ପତ୍ନୀ ଏସ. ଦେବୀ ଡ୍ରେନ୍ ନିର୍ମାଣବେଳେ ପାଚେରୀ ଭୁଶୁଡ଼ି ଶ୍ରମିକ ଶଙ୍କରଙ୍କ ମୃତ୍ୟୁ ହେବାପରେ ପରିବାର ଉପରେ ଏବେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ୪ ଶିଶୁକନ୍ୟାଙ୍କୁ ନେଇ କେମିତି ସଂସାର ଚଳିବ ସେ ଚିନ୍ତାରେ ପତ୍ନୀ ଏସ. ଦେବୀ କହିଥିଲେ ଯେ, ଶଙ୍କରଙ୍କ ରୋଜଗାରରେ ଘର ଚଳୁଥିଲା ଏବେ ସବୁ ବନ୍ଦ ହୋଇଗଲା। କେମିତି ଛୋଟ ପିଲାଙ୍କୁ ନେଇ ଘର ଚଳାଇବେ ସେ ଚିନ୍ତାରେ ଏବେ ଶଙ୍କରଙ୍କ ପତ୍ନୀ। ଅନ୍ୟପକ୍ଷରେ ସରକାରୀ ସହାୟତା ମାତ୍ର ୩୦ ହଜାର ଟଙ୍କା ମିଳିଥିବାବେଳେ ଅଧିକ କ୍ଷତିପୂରଣ ଦାବି କରି ସାହି ବାସିନ୍ଦା ବାରପଥର ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି କଂଗ୍ରେସ କର୍ପୋରେଟର। ସୂଚନାଯୋଗ୍ୟ, ରବିବାର ବିଡାନାସୀ ନାୟକ ସାହିରେ ଡ୍ରେନ୍ ନିର୍ମାଣବେଳେ ପାଚେରୀ ଭୁଶୁଡି ପଡ଼ିବା ଯୋଗୁଁ କଟକ ପଟ୍ଟାପୋଲ ଅଞ୍ଚଳର ଏସ୍ ଶଙ୍କରଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ବେପରୁଆ କାମ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ଏପରିକି ବିନା



କୌଣସି ସୁରକ୍ଷା ଉପକରଣରେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରିଥିଲେ ଠିକାଦାର। ସବୁଠାରୁ ବଡ଼ କଥା ସମ୍ପୃକ୍ତ ଡ୍ରେନ୍ ନିର୍ମାଣ ପାଇଁ ସିଏମ୍‌ସିର କାର୍ଯ୍ୟାଦେଶ ମଧ୍ୟ ନଥିଲା ବୋଲି ଜଣାପଡ଼ିଛି। ସିଏମ୍‌ସି କମିଶନର କହିଛନ୍ତି, ଘଟଣାକୁ ଗୁରୁତର ସହ ନିଆଯାଇଛି। ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏକ ତିନି ଜଣିଆ କମିଟି ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବା ପରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କ୍ଷତିପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବା ସହ ମୃତ ଶଙ୍କରଙ୍କ ପିଲାମାନଙ୍କ ପାଠପଢ଼ା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ସିଏମସି କମିଶନର ଅନାମ ଚରଣ ପାତ୍ର।

# ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ୟୁପିଆଇ

**ଭୁବନେଶ୍ୱର, ପିଆଇବି**

୨୦୧୬ରେ ଆରମ୍ଭ ହେବାପରଠାରୁ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଭାରତରେ ଆର୍ଥିକ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଏହା ମାଧ୍ୟମରେ ପ୍ରାୟ ୩୦ କୋଟି ଲୋକ ଓ ୫ କୋଟି ବ୍ୟବସାୟୀ ସହଜରେ ଡିଜିଟାଲ ନେଣଦେଣ କରିପାରୁଛନ୍ତି। ଅକ୍ଟୋବର ୨୦୨୩ ସୁଦ୍ଧା ଭାରତରେ ହୋଇଥିବା ସମସ୍ତ ଖୁଚୁରା ଡିଜିଟାଲ ପେମେଣ୍ଟର ୭୫% ୟୁପିଆଇ ମାଧ୍ୟମରେ ହେଉଥିଲା।

ୟୁପିଆଇ ଆସିବା ପରେ କ୍ଷୁଦ୍ର ଋଣକାରୀମାନେ ବେଶ୍ ସଶକ୍ତ ହୋଇପାରିଛନ୍ତି। ବିଶେଷକରି ୟୁପିଆଇ ମାଧ୍ୟମରେ ସବପ୍ରାଇମ୍ ଋଣକାରୀ (ଯେଉଁମାନଙ୍କ ଋଣପ୍ରାପ୍ତି ଯୋଗ୍ୟତା କମ ଥାଏ) ଓ ନୂଆ ଋଣକାରୀମାନେ ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥାରୁ ଋଣ ପାଇବାକୁ ସକ୍ଷମ ହୋଇ ପାରିଛନ୍ତି। ଯେଉଁ ଅଞ୍ଚଳରେ ୟୁପିଆଇର ଅଧିକ ବ୍ୟବହାର ହେଉଛି ସେଠାରେ ନୂଆ ଋଣକାରୀଙ୍କ ସଂସ୍ଥା ୪ ପ୍ରତିଶତ ଓ ସବପ୍ରାଇମ୍ ଋଣକାରୀଙ୍କ ସଂଖ୍ୟା ୮ ପ୍ରତିଶତ ବୃଦ୍ଧି ପାଇଛି। ଏହା ସହିତ ଏକ ହାରାହାରି ଫିନଟେକ୍ ଋଣ ପରିମାଣ ୨୭,୭୭୮ ଟଙ୍କାକୁ ବୃଦ୍ଧି ପାଇଛି ଯାହାକି ଗ୍ରାମାଞ୍ଚଳରେ ମାସିକ ବ୍ୟୟଠାରୁ ୭ ଗୁଣ ଅଧିକ।

ଫିନଟେକ୍ ଋଣଦାତାମାନେ ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରିବା ସହ ନିଜର ଋଣ ପରିମାଣରେ ୭୭ ଗୁଣ ବୃଦ୍ଧି କରିପାରିଛନ୍ତି। କ୍ଷୁଦ୍ର ଓ ସ୍ୱଳ୍ପ ଯୋଗ୍ୟତା ସଂପନ୍ନ ଋଣକାରୀମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ପାରମ୍ପରିକ ବ୍ୟାଙ୍କମାନଙ୍କୁ ଟପିଯାଇଛି। ଦେଶରେ ସୁଲଭ ମୂଲ୍ୟରେ ଇଣ୍ଟରନେଟ୍ ସେବା ଓ ଅନ୍ୟ ଡିଜିଟାଲ୍ ଟେକନଲୋଜିର ଉପଲବ୍ଧତା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୟୁପିଆଇର ଗ୍ରହଣୀୟତାକୁ ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଏକ ତଥ୍ୟ ଅନୁସାରେ ୟୁପିଆଇ ନେଣଦେଣରେ ୧୦ ପ୍ରତିଶତ ବୃଦ୍ଧି ଦ୍ୱାରା ଋଣ ଉପଲବ୍ଧତା ୭ ପ୍ରତିଶତ ବୃଦ୍ଧି ପାଇଛି। ଏହା ଦର୍ଶାଉଛି କିପରି ଡିଜିଟାଲ ଅର୍ଥନୀତି ଋଣଦାତାମାନଙ୍କୁ ଋଣକାରୀଙ୍କ ନିକଟରେ ସହଜରେ ପହଞ୍ଚିବାକୁ ସକ୍ଷମ କରୁଛି।

୨୦୧୫ରୁ ୨୦୧୯ ମଧ୍ୟରେ ସବପ୍ରାଇମ ଋଣକାରୀଙ୍କୁ ଫିନଟେକ୍ ଋଣ ଅଭିବୃଦ୍ଧି ବ୍ୟାଙ୍କମାନଙ୍କ ପ୍ରଦତ୍ତ ଋଣ ସହିତ ସମାନ ହୋଇପାରିଥିଲା, ଏପରିକି ଉଚ୍ଚ ୟୁପିଆଇ ବ୍ୟବହାର ଅଂଚଳରେ ଫିନଟେକମାନେ ଅଗ୍ରଣୀ ସ୍ଥିତିରେ ଥିଲେ। ୟୁପିଆଇ ମାଧ୍ୟମରେ କେବଳ ଋଣ ପ୍ରଦାନ ବଢିନାହିଁ ବରଂ ଖିଲାପ ହାର ବି ହ୍ରାସ ପାଇଛି। ଏହା ଦର୍ଶାଉଛି ଯେ ୟୁପିଆଇ-ଭିତ୍ତିକ ନେଣଦେଣ ତଥ୍ୟ ଋଣଦାତାମାନଙ୍କୁ ଦାୟିତ୍ୱର ସହ ସଂପ୍ରସାରଣ କରିବାକୁ ସୁଯୋଗ ପ୍ରଦାନ କରିଛି।

ଭାରତର ଏହି ସଫଳତାର ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିବାକୁ ଯାଉଛି। ଭାରତରେ ୟୁପିଆଇର ସଫଳତା ପରେ ଅନ୍ୟ ଦେଶରେ ତାହାର ଅନୁକରଣ ହେବାର ସମ୍ଭାବନା ଦେଖାଦେଇଛି। ଏହା ଦର୍ଶାଉଛି କିପରି ସାଧାରଣ ଡିଜିଟାଲ ଭିତ୍ତିଭୂମି ସହ ମୁକ୍ତ ବ୍ୟାଙ୍କ ନୀତିକୁ ସଂଯୁକ୍ତ କରି ସମସ୍ତଙ୍କ ନିକଟକୁ ଆର୍ଥିକ ସେବା ପହଞ୍ଚାଯାଇପାରିବ, ଉଦ୍ଭାବନକୁ ପ୍ରୋତ୍ସାହିତ କରିହେବ ଓ ସମାବେଶୀ ଆର୍ଥିକ ଅଭିବୃଦ୍ଧି ସୁନିଶ୍ଚିତ କରିହେବ।

NATIONAL HEALTH MISSION
ଭାରତୀୟ ସ୍ୱାସ୍ଥ୍ୟ ମିଶନ

**OFFICE OF THE SUPERINTENDENT, C.H.C TANGI, KHORDHA**
**Department of Health & FW, Govt, of Odisha**

E-574

**TENDER CALL NOTICE**

**Advertisement no: 01/2024-25/BPMU/KHU** **Dated: 09.12.2024**

Sealed tenders are invited from Local Registered Travel agency/Individuals only having valid GSTIN/PAN for providing hiring vehicles on monthly basis to the undersigned for different purpose of Tangi Block.

The sealed tenders should reach on the all working day along with all required documents by speed post/Regd. Post/courier only by super scribing I on the top of the envelop "Tender for hiring of vehicles on monthly basis in reference to the advertisement no: 01/2024-25/BPMU/Khu dated o 09.12.2024. details regarding terms and conditions may be downloaded from www.khordha.odisha.gov.in. the undersigned reserves the right to accept or reject all the tender without assigning reason thereof.

OIPR-10264/11/0001/2425 **Sd/- SUPERINTENDENT, CHC, TANGI KHORDHA**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଡିସେମ୍ବର ୨୦୨୪ ବୁଧବାର





## ପଣ୍ୟ କାରବାରରେ ରେକର୍ଡ କଲା ପାରାଦୀପ ବନ୍ଦର

# ଲଗାତର ୮ବର୍ଷ ଧରି ୧୦୦ ମିଲିୟନ ମେଟ୍ରିକ୍ ଟନ୍ ଅତିକ୍ରମ କଲା

**ପାରାଦୀପ, ନ୍ୟୁଜ ବ୍ୟୁରୋ**
ପଣ୍ୟ କାରବାରରେ ରେକର୍ଡ କଲା ପାରାଦୀପ ବନ୍ଦର । ଲଗାତର ୮ବର୍ଷ ଧରି ୧୦୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର ଅତିକ୍ରମ କଲା ପାରାଦୀପ ବନ୍ଦର । ତେବେ ଗତବର୍ଷ ତୁଳନାରେ ୪ ମିଲିୟନ ମେଟ୍ରିକ୍ ଟନ୍ ଅଧିକ ପଣ୍ୟ କାରବାର କରିବା ସହିତ ୯ ଦିନ ପୂର୍ବରୁ ୧୦୦ ଏମଏମଟି ଅତିକ୍ରମ କରିଛି ବନ୍ଦର । ଚଳିତ ଆର୍ଥିକ




ବର୍ଷରେ ୧୫୦ ମିଲିୟନ ମେଟ୍ରିକ୍ ଟନ୍ ଅତିକ୍ରମ କରିବା ଲକ୍ଷ୍ୟ ରହିଥିବା ବନ୍ଦର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ଗତ ଆର୍ଥିକ ବର୍ଷରେ ୧୪୫.୩୮ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଥିଲା ବନ୍ଦର । ଗତବର୍ଷ ଠାରୁ ପାରାଦୀପ ବନ୍ଦର କାଣ୍ଡଲା ପୋର୍ଟକୁ ପଛରେ ପକାଇ ୧ ନମ୍ବର ମେଜର ପୋର୍ଟର ମାନ୍ୟତା ହାସଲ କରିଛି । ଏହି ସଫଳତା ପାଇଁ ବନ୍ଦରର କର୍ମଚାରୀ, ଷ୍ଟକ୍ ହୋଲ୍ଡର ଓ ଷ୍ଟିଭେଡୋର ମାନଙ୍କୁ ଧନ୍ୟବାଦ ଦେଇଛନ୍ତି ବନ୍ଦର ଅଧ୍ୟକ୍ଷ ପିଏଲ ହାରାନାଦ ।

# ‘ଜଳବାୟୁ ପରିବର୍ତ୍ତନ’ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**
ଏଭର ଗ୍ରୀନ୍ ଫୋରମ୍ ଓ ସୋଆ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳବାୟୁ ଦିବସ କୁଳପତି ଡ. ପ୍ରଦୀପ୍ତ ନନ୍ଦଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳ ଯୋଗଦେଇ ଜଳବାୟୁ ପରିବର୍ତ୍ତନରେ କୃଷି ବହୁଳ ଭାବେ ପ୍ରଭାବିତ ହେଉଥିବାରୁ ଏହାକୁ ପ୍ରତିହତ କରି ଅଧିକ ଉତ୍ପାଦନ କରିବାପାଇଁ ଅନେକ ବୈଷୟିକ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଭାରତୀୟ ଜଳବାୟୁ କଂଗ୍ରେସର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ ଓ ନିହାର ରଞ୍ଜନ ଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ‘ଜଳବାୟୁ ପରିବର୍ତ୍ତନ’ ଶୀର୍ଷକ ପୁସ୍ତକକୁ ପ୍ରଫେସର ରାଉଳ ଉନ୍ମୋଚନ କରିଥିଲେ । ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସମ୍ମାନିତି ଅତିଥି ମିଜୋରାମର ମୁଖ୍ୟ ବନ୍ୟ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ ନିମନ୍ତ୍ରିତ ବକ୍ତା ପୁନେର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରିପିକାଲ ମେଟିଓରୋଲୋଜିର ଡାଇରେକ୍ଟର ଡ. କ୍ରିଷ୍ଣ ରାଘବନ, ସୋଆର ଡିନ୍ ଡ. ସନ୍ତୋଷ କୁମାର ରାଉତ ଓ ଏଭରଗ୍ରୀନ୍ ଫୋରମ୍‌ର ସଭାପତି ଡ. ପ୍ରକାଶ ଚନ୍ଦ୍ର ଜେନା ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ପ୍ରଫେସର ସାମନ୍ତରାୟ ପୁସ୍ତକଟି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷକ, ଅଧ୍ୟାପକ ଓ ବିଶେଷ କରି ଜନସାଧାରଣ ଜଳବାୟୁ ସମ୍ପର୍କିତ ସମସ୍ୟାର ସମାଧାନ କରିବାରେ ଉକ୍ତ ପୁସ୍ତକ ସହାୟକ ହେବ ବୋଲି ମତ ଓ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

# ଗିରଫ ହେଲେ କନିଷ୍ଠ କିରାଣି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସବ୍-ପ୍ଲଟ୍ ପଞ୍ଜୀକରଣ କରାଇଦେବା ପାଇଁ କନିଷ୍ଠ କିରାଣୀ ୨୦ ହଜାର ଟଙ୍କା ଲାଞ୍ଚ ନେବା ଘଟଣା । ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟର କନିଷ୍ଠ କିରାଣୀ ଦେବଯାନୀ କରଙ୍କୁ ବାନ୍ଧିଲା ଭିଜିଲାନ୍ସ । ମଙ୍ଗଳବାର ଦେବଯାନୀ କରଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି ।

# ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନେଇ କୃଷି ବିଭାଗର ୫ଟି ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମଙ୍ଗଳବାର କୃଷି ଭବନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆଇଆରଆରଆଇ(ଓଜଜଓ), ଆଇସିଆରଆଇଏସଏଟି, ଆଇସିଏଆରଡ଼ିଏ, ଏମଏସଏସଆରଏଫ ଓ ଏଏଫସି ଇଣ୍ଡିଆ ଲିମିଟେଡ଼ ମଧ୍ୟରେ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନେଇ ୫ଟି ଅନୁଷ୍ଠାନ ସହ ବୁଝାମଣାପତ୍ର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟରେ ପ୍ରାୟ ଅବ୍ୟବହୃତ ପ୍ରାୟ ୧୬ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମି ଥିବାବେଳେ ଏହାର ସଦ୍ ବ୍ୟବହାର ଏବଂ ମାଟିର ଉର୍ବରତା ହ୍ରାସକୁ ଦୃଷ୍ଟିରେ ରଖି କୃଷି ବିଭାଗ ୨୦୨୨-୨୩ ବର୍ଷରେ ୭୦ ହଜାର ହେକ୍ଟର ଜମିରେ ଧାନ ପରବର୍ତ୍ତୀ ପଡ଼ିଆ ଜମି ମ୍ୟାନେଜମେଣ୍ଟ ଆରମ୍ଭ କରିଥିଲେ । ଧାନ ଫସଲ ପରେ ମାଟିରେ ଥିବା ଆର୍ଦ୍ରତାକୁ ବ୍ୟବହାର କରି ଏଥିରେ ସ୍ୱଳ୍ପ ଅବଧିରେ ଫଳୁଥିବା ଡାଲି ଜାତୀୟ ଶସ୍ୟ ଯଥା ମୁଗ, ମଟର ଇତ୍ୟାଦି ଏବଂ ତୈଳଜାତୀୟ ଶସ୍ୟ ଯଥା ସୋରିଷ ଇତ୍ୟାଦିର ଉତ୍ପାଦନ କରି ମାଟିର ଉର୍ବରତା ବଜାୟ ରଖାଯାଇ ପାରିବ । ପ୍ରଥମ ବର୍ଷର ସଫଳତାକୁ ଆଧାର କରି ୨୦୨୩-୨୪ ବର୍ଷରେ ୩.୯ଲକ୍ଷ ହେକ୍ଟର ଜମିରେ ଏହାକୁ କରାଯାଇଥିଲା । ଚଳିତ ବର୍ଷ ୪.୫୫ ଲକ୍ଷ ହେକ୍ଟର ଜମିରେ ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ଲକ୍ଷ୍ୟ ରହିଛି । ଏଥିରେ ପ୍ରାୟ ୫ ଲକ୍ଷ୍ୟ ଚାଷୀ ଉପକୃତ ହେବେ । ଏଥିନିମନ୍ତେ, ୩.୪୫ଲକ୍ଷ ହେକ୍ଟର ଜମି ରାଜ୍ୟ ତରଫରୁ ସିଆରଏଫଏମ ଯୋଜନା ଅଧୀନରେ ଓ ୧.୧୦ ଲକ୍ଷ ହେକ୍ଟର ଜମି କେନ୍ଦ୍ର ସରକାରଙ୍କ ତରଫରୁ ଟିଆରଏଫଏ- ତୈଳବୀଜ ଯୋଜନାରେ ମିଳୁଥିବା ଅନୁଦାନ ଅନ୍ତର୍ଭୁକ୍ତ ଅଟେ । ଏହି ପ୍ରକଳ୍ପକୁ ସଫଳ କରିବା ପାଇଁ କୃଷି ବିଭାଗ ଆଇଆରଆରଆଇ, ଆଇସିଆରଆଇଏସଏଟି, ଆଇସିଏଆରଡ଼ିଏ , ଏମଏସଏସଆରଏଫ ଓ ଏଏଫସି ଇଣ୍ଡିଆ ଲିମିଟେଡ଼ ଭଳି ବିଶିଷ୍ଟ ଅନ୍ତର୍ଜାତୀୟ ତଥା ଜାତୀୟ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି । ରାଜ୍ୟ ସରକାରଙ୍କ ତରଫରୁ ପ୍ରାୟ ୨ଲକ୍ଷ ହେକ୍ଟର ଅମ୍ଳୀୟ ଅଞ୍ଚଳରେ ମାଟିର ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଡୋଲୋମିଟିକ୍ ଚୂନ ପଥର ଯୋଗାଇ ଦିଆଯାଉଛି । ପ୍ରକଳ୍ପର ଅବସ୍ଥିତି ଓ ଅଗ୍ରଗତି ପରୀକ୍ଷଣ ନିମନ୍ତେ ରିଅଲ ଟାଇମ ମନିଟରିଂ ସିଷ୍ଟମର ବ୍ୟବହାର କରାଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏକାଧିକ ସଡ଼କ...

ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ରିଜିଅନ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସଂପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହି ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ପ୍ରଭାତୀ ପରିଡା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଦୁର୍ନୀତିରେ ମାତିଛନ୍ତି ...

ସରକାରୀ କର୍ମଚାରୀଙ୍କ ବିରୋଧରେ ଫନ୍ଦି ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୫ ବର୍ଷରେ ୯୧୧ଟି ଭିଜିଲାନ୍ସ ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି । ଯେଉଁଥିରେ ବିଚାର ପ୍ରକ୍ରିୟା ଶେଷ ହୋଇଥିବା ୩୦ଟି ମାମଲା ଉପରୋକ୍ତ ୫ ବର୍ଷ ମଧ୍ୟରେ ରୁଜୁ ହୋଇଥିଲା । ଉକ୍ତ ୩୦ଟି ମାମଲା ମଧ୍ୟରୁ ୧୧ଟି ମାମଲାରେ ୧୧ ଜଣ ସରକାରୀ କର୍ମଚାରୀ ବିଭିନ୍ନ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି । ୧୨ଟି ମାମଲାରେ ସରକାରୀ କର୍ମଚାରୀମାନେ ଦୋଷ ମୁକ୍ତ ହୋଇଛନ୍ତି । ୭ଟି ମାମଲାରେ ସରକାରୀ କର୍ମଚାରୀମାନେ ବିଚାରାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ତେଣୁ ସେହି ମାମଲା ଗୁଡ଼ିକ ସମାପ୍ତ କରି ଦିଆଯାଇଛି । ଦଣ୍ଡିତ ହୋଇଥିବା କୌଣସି ସରକାରୀ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତରରେ କହିଛନ୍ତି ।

### ଜାନୁଆରୀରେ ଓଡ଼ିଶା ...

ଯେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ସିଙ୍ଗାପୁର ରାଷ୍ଟ୍ରପତି ଗସ୍ତ କରିବାକୁ ପସନ୍ଦ କରିଛନ୍ତି । କାରଣ ସେ ସାଂସ୍କୃତିକ ସମ୍ପର୍କ ସହିତ ଓଡିଶା ସହିତ ବ୍ୟବସାୟିକ ସହଭାଗିତାକୁ ମଜବୁତ କରିବାର ଏକ ବଡ଼ ସୁଯୋଗ ଦେଖୁଛନ୍ତି । ହାଇ କମିଶନର ଆହୁରି କହିଛନ୍ତି ଯେ ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି ଏବଂ କୌଶଳ କ୍ଷେତ୍ରରେ ଶାନମୁଗରାଟନମଙ୍କ ଓଡ଼ିଶା ଗସ୍ତର ମୁଖ୍ୟ ଆକର୍ଷଣ ହେବ । ହାଇ କମିଶନର ଏବଂ ତାଙ୍କ ଦଳକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଓଡିଶା ଗସ୍ତ ପାଇଁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ଗ୍ରହଣ କରିଥିବାରୁ ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ସହଯୋଗ ପାଇଁ ବହୁତ ସମ୍ଭାବନା ଅଛି । ସେ ଆହୁରି ମଧ କହିଛନ୍ତି ଯେ ପେଟ୍ରୋକେମିକାଲ୍ସ, ସହରୀ ଯୋଜନା, ପର୍ଯ୍ୟଟନ, ଅକ୍ଷୟ ଶକ୍ତି ଏବଂ ଦକ୍ଷତା ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ସ୍ତର ପାଇଁ ଏହି ସମ୍ପର୍କ ପ୍ରସ୍ତୁତ ହୋଇଛି । ତାଙ୍କୁ ତଥା ଟିମ ଓଡ଼ିଶାର ଆୟୋଜନ କରିଥିବାରୁ ସେ ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି, ଯାହା ଗତ ମାସରେ ଏକ ସଫଳ ଗସ୍ତରେ ଆସିଥିଲା । କୂଟନୈତିକ ସମ୍ପର୍କର ୬୦ ବର୍ଷ ପାଳନ କରୁଥିବା ବେଳେ ସିଙ୍ଗାପୁର ଏବଂ ଭାରତ ଏହି ଦ୍ୱିପାକ୍ଷିକ ବନ୍ଧନକୁ ସ୍ମରଣ କରିବା ପାଇଁ ଆସନ୍ତା ମାସରେ ଭାରତ ଗସ୍ତ କରିବେ । ଉଭୟ ରାଷ୍ଟ୍ର ମଧ୍ୟରେ ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ରହିଛି । ଏହି ସମ୍ପର୍କ ବର୍ତ୍ତମାନ ବାଣିଜ୍ୟ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ବିନିମୟ ପରି କ୍ଷେତ୍ରକୁ ନେଇ ଏକ ରଣନୀତିକ ଭାଗିଦାରୀରେ ପରିଣତ ହୋଇଛି । ଆହୁରି ମଧ୍ୟ, ସିଙ୍ଗାପୁର ହେଉଛି ଭାରତର ଏଫଡିଆଇର ସବୁଠାରୁ ବଡ ଉତ୍ସ । ଆଇଟି, ବ୍ୟାଙ୍କିଂ ଏବଂ ଉତ୍ପାଦନରେ ଏହାର କମ୍ପାନୀ ମାଧ୍ୟମରେ ସିଙ୍ଗାପୁରରେ ମଧ୍ୟ ଭାରତର ଏକ ଦୃଢ ଉପସ୍ଥିତି ରହିଛି । ଗଣତନ୍ତ୍ର, ନବସୃଜନ ଏବଂ ନିରନ୍ତର ବିକାଶର ସହଭାଗୀ ମୂଲ୍ୟ ସହିତ ଉଭୟ ଦେଶ ପାରସ୍ପରିକ ଅଭିବୃଦ୍ଧି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ସମ୍ପର୍କକୁ ମଜଭୂତ କରିବାକୁ ଆଗ୍ରହୀ । ଏହି ବୈଠକରେ ଓଡିଶାର ମୁଖ୍ୟ ଶାସନ ସଚିବ ମନୋଜ ଅହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଏସିଏସ (ଗୃହ) ସତ୍ୟବ୍ରତ ସାହୁ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମୁଖ୍ୟ ସଚିବ ବିଶାଲ ଦେବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମୁଖ୍ୟ ସଚିବ ଏନବିଏସ ରାଜପୁତ ଉପସ୍ଥିତ ଥିଲେ । ଅନ୍ୟପଟେ ନୂଆଦିଲ୍ଲୀର ଡେପୁଟି ହାଇ କମିଶନର ଆଲିସ ଚେଙ୍ଗ ଏବଂ ଅନ୍ୟ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ ।

### ଓଡ଼ିଶାରେ ଚଳିବ...

ମେଣ୍ଟେନାନ୍ସ ଓ କର୍ମଚାରୀ ସଂପୃକ୍ତ ସଂସ୍ଥା ଯୋଗାଇବ । ବସ ଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ସ୍ଥିତିକୁ ଆଧାର କରି ଚୁକ୍ତିନାମା ଅବଧି ଅତିରିକ୍ତ ୨ ବର୍ଷ ବୃଦ୍ଧି କରିବାର ଅଧିକାର ଅଛି । ରାଜ୍ୟ ମଧ୍ୟରେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବସ ନିୟୋଜିତ କରିବାକୁ କର୍ତ୍ତୃପକ୍ଷ ଚାହୁଁଛନ୍ତି ବୋଲି ଟେଣ୍ଡର ଡକ୍ୟୁମେଣ୍ଟରେ କୁହାଯାଇଛି ।

### ଆସିକା ଚିନି ...

ହୋଇଥିଲା । ପରେ ଏହାର କ୍ଷମତା ବୃଦ୍ଧି ହୋଇ ଚିନି ସହ ଅନ୍ୟାନ୍ୟ ପଦାର୍ଥ ମଧ ଉତ୍ପାଦନ କରାଯାଉଛି । ତେବେ ବର୍ତ୍ତମାନ ଏହା ଲାଭଜନକ ସ୍ଥିତିରେ ନାହିଁ । ତେଣୁ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପାଇଁ ନୂଆ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଅବକାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ହସ୍ତ ତନ୍ତ, ବୟନ, ହସ୍ତ ଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟକ ସରୋଜ କୁମାର ପାଢୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ, କୃଷି, ସମବାୟ ତଥା ଅବକାରୀ ବିଭାଗ ସଚିବ ଏବଂ ଗଞ୍ଜାମ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

### ଇଭିଏମ୍ ଓ ଭିଭିପାଟରେ ...

ନଥିବା ସ୍ପଷ୍ଟ କରିଛନ୍ତି ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ । ସୁପ୍ରିମକୋର୍ଟ ଓ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଅନୁଯାୟୀ, ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଯେକୌଣସି ୫ଟି ଲେଖାଏଁ ଭୋଟ କେନ୍ଦ୍ରରେ ବ୍ୟବହୃତ ଭିଭିପାଟ ସ୍ଲିପକୁ ଗଣି ଏହାକୁ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟାରେ ମେଳ କରିବା ବାଧ୍ୟତାମୂଳକ । ଏହି ପ୍ରକ୍ରିୟା ମହାରାଷ୍ଟ୍ରରେ ନଭେମ୍ବର ୨୩ ଭୋଟ ଗଣତି ଦିନ ମଧ ହୋଇଥିଲା । ଭୋଟ ଗଣତି ପାଇଁ ରହିଥିବା ପର୍ଯ୍ୟବେକ୍ଷକ ଓ ସବୁ ଦଳର ପ୍ରାର୍ଥୀମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ହୋଇଥିବା ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ୨୮୮ ନିର୍ବାଚନ ମଣ୍ଡଳୀରୁ ମୋଟ ୧୪୦୦ ଭିଭିପାଟ ସ୍ଲିପ ଗଣା ହୋଇଥିଲା, ହେଲେ କୌଣସି ସ୍ଥାନରେ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ଭିଭିପାଟ ସ୍ଲିପ ଓ ଇଭିଏମ ଭୋଟ ଗଣତିରେ ତାଳମେଳ ନଥିବା ଅଭିଯୋଗ ଆସିନାହିଁ । ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ସମସ୍ତ ନିୟମ ଅନୁସରଣ କରାଯାଇଥିବା ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

### କାନାଡାରୁ ଆସିଥିଲା...

କରିଥିଲେ । ତାଙ୍କର ଉଦଯାପନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ, ସମ୍ମିଳନୀରେ ସୁରକ୍ଷା ଆହ୍ୱାନର ଜାତୀୟ ଏବଂ ଅନ୍ତର୍ଜାତୀୟ ଦିଗ ଉପରେ ବ୍ୟାପକ ଆଲୋଚନା ହୋଇଛି । ଏହି ସମ୍ମିଳନୀର ଆଲୋଚନାରୁ ବାହାରିଥିବା ମୁକାବିଲା ରଣନୀତି ଉପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ଡିଜିଟାଲ ଠକେଇ, ସାଇବର ଅପରାଧ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ପ୍ରଯୁକ୍ତି କାରଣରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବିପଦ, ବିଶେଷକରି ସାମାଜିକ ଏବଂ ପାରିବାରିକ ସମ୍ପର୍କକୁ ବ୍ୟାହତ କରିବା ପାଇଁ ଅବିକଳ ନକଲ ବା ଡିପ ଫେକର ବ୍ୟବହାର ଆଶଙ୍କା ରହିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଆକାଂକ୍ଷୀ ଭାରତକୁ ନେଇ ଦେଶର ଦ୍ୱିଗୁଣିତ ଏଆଇ ଶକ୍ତିକୁ ଉପଯୋଗ କରି ଏହି ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ ସେ ପୁଲିସ ନେତୃତ୍ୱଙ୍କୁ ଆହ୍ୱାନ ଦେଇଥିଲେ ।

## ‘ଓରିଶା ଟୁଡେ’ର ୨୦ତମ ବାର୍ଷିକ ଉତ୍ସବ

# ଗଣମାଧ୍ୟମ ହେଉଛି ସମାଜର ଦର୍ପଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗଣମାଧ୍ୟମ ବା ସମ୍ବାଦପତ୍ର ହେଉଛି ସମାଜର ଦର୍ପଣ ସଦୃଶ । ଏଥିରେ ସାଧାରଣ ଲୋକଙ୍କ ବାସ୍ତବ ସମସ୍ୟା, ଅଭାବ ଓ ଅସୁବିଧା ସମ୍ପର୍କିତ ଖବରକୁ ପ୍ରାଥମିକତା ଦିଆଯିବା ଜରୁରୀ । ସେ ଦୃଷ୍ଟିରୁ ସମ୍ବାଦପତ୍ର ଓ ସାମ୍ବାଦିକମାନେ ଏଥିପ୍ରତି ଯତ୍ନଶୀଳ ହୋଇ ନିର୍ଭୀକ ଭାବେ ସତ୍ୟ, ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉପରେ ବହୁ ବିଶିଷ୍ଟ ଅତିଥି ମତବ୍ୟକ୍ତ କରିଛନ୍ତି ।




ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଦୈନିକ ଇଂରାଜୀ ସମ୍ବାଦପତ୍ର ‘ଓରିଶା ଟୁଡ଼େ’ର ବିଂଶତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, ବିଜେପି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ‘ଓରିଶା ଟୁଡ଼େ’ର ସମ୍ପାଦକ ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ଗଣମାଧ୍ୟମ ଓ ସାମ୍ବାଦିକମାନଙ୍କର ବର୍ତ୍ତମାନ ସମାଜ ପ୍ରତି ରହିଥିବା ଗୁରୁଦାୟିତ୍ୱ ବାବଦରେ ଆଲୋକପାତ କରିଥିଲେ ଏବଂ ଦୀର୍ଘ ୨୦ ବର୍ଷ ଧରି ‘ଓରିଶା ଟୁଡ଼େ’ ରାଜ୍ୟର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ ଆସିଥିବାରୁ ଏହାର ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ‘ଓରିଶା ଟୁଡ଼େ’ର ସ୍ୱତନ୍ତ୍ର ସଂଖ୍ୟା ଏବଂ ଡିଜିଟାଲ ସଂସ୍କରଣ (ଓଟି ଲାଇଭ)କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କୃତି ସାଧକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ବିଜୟଲକ୍ଷ୍ମୀ ଶତପଥୀଙ୍କ ଲିଖିତ ପୁସ୍ତକ ‘ପୂର୍ଣ୍ଣାହୂତି’କୁ ମଧ ଅତିଥିମାନେ ଲୋକାର୍ପଣ କରିଥିଲେ । ଉତ୍ସବ ଶେଷରେ ଧୃତିଧର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ହର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ କର୍ମଶାଳା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ନିବାରଣ ସପ୍ତାହରେ ପୂର୍ବତଟ ରେଳପଥ ପକ୍ଷରୁ ଏକ ଏନଜିଓ ପରିଚାଳିତ ଜେଣ୍ଡର ରିସୋର୍ସ ସେଣ୍ଟରର ‘ଅସ୍ତିତ୍ୱ’ ସହ ମିଳିତ ସହଯୋଗରେ କର୍ମକ୍ଷେତ୍ରରେ ହେଉଥିବା ନିର୍ଯ୍ୟାତନାକୁ ଦୂର କରିବା ପାଇଁ ଏକ ସୂଚନାପୂର୍ଣ୍ଣ ତଥା ଆକର୍ଷଣୀୟ କର୍ମଶାଳା ଆୟୋଜନ କରାଯାଇଥିଲା କରିଥିଲା । ଅନୁଷ୍ଠିତ ଏହି କର୍ମଶାଳା ୯ ଡିସେମ୍ବରରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ) ଆଇନ ଘୋଷଣାକୁ ସ୍ମରଣୀୟ କରିବା ପାଇଁ ଆୟୋଜିତ ହୋଇଥିଲା । କର୍ମକ୍ଷେତ୍ରରେ ମହିଳାମାନଙ୍କ ପାଇଁ ଏକ ନିରାପଦ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବାର ମହତ୍ୱ ବିଷୟରେ ପୂର୍ବତଟ ରେଳପଥର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ଶ୍ରୀମତୀ ଏସ୍ ଏସ୍ ରାୟ ଉଦ୍ଘାଟନ କରିଥିଲେ । ଯୌନ ଉତ୍ପୀଡ଼ନ ଅଭିଯୋଗର ସମାଧାନ ସହ ଜଡିତ ଆଇନଗତ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇ ଡକ୍ଟର ରାୟ ପିଓଏସ୍‌ଏଚ୍ ଆକ୍ଟ ୨୦୧୩ର ମୁଖ୍ୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ମହିଳା କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସମ୍ପୃକ୍ତ ଆଇନ ଏବଂ ନିର୍ଦ୍ଦେଶାବଳୀଗୁଡିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଅତ୍ୟାବଶ୍ୟକ ଜ୍ଞାନ ସମ୍ବନ୍ଧରେ ସୂଚନା ତଥା ସଶକ୍ତ କରିବା । ଅଭିଯୋଗକୁ କିପରି ସଠିକ୍ ଭାବରେ ପରିଚାଳନା କରାଯିବ ଏବଂ ଏକ ସକରାତ୍ମକ ଏବଂ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବାରେ ଅଧିକାରୀ, ସଦସ୍ୟ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ର ଚେୟାରମ୍ୟାନ୍ ମାନଙ୍କୁ ସାହାଯ୍ୟ କରିବାକୁ ଏହା ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ) ଅଧିନିୟମ, ୨୦୧୩ ଅନୁଯାୟୀ ବର୍ଣ୍ଣିତ ବାଧ୍ୟତାମୂଳକ ଆବଶ୍ୟକତାକୁ ମଧ୍ୟ କର୍ମଶାଳାରେ ସମ୍ବୋଧିତ କରାଯାଇଥିଲା, ଯାହା ନିଶ୍ଚିତ କରେ ଯେ ସମସ୍ତ ଅଂଶଗ୍ରହଣକାରୀ ଏଥିରେ ଅଦ୍ୟତନ ସୂଚନା ପାଇଛନ୍ତି: କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନକୁ ବନ୍ଦ କରିବା ପାଇଁ ଆଇନଗତ ଢାଞ୍ଚା । ଆଇନ ଅନୁଯାୟୀ ଅଭିଯୋଗଗୁଡିକ କିପରି ପରିଚାଳନା ଏବଂ ସମାଧାନ କରାଯିବ । ଏକ ସକରାତ୍ମକ, ନିର୍ଯ୍ୟାତନା ମୁକ୍ତ କାର୍ଯ୍ୟ ସଂସ୍କୃତି ବଜାୟ ରଖିବା ପାଇଁ ସର୍ବୋତ୍ତମ ଅଭ୍ୟାସ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମୁଖ୍ୟ ଆଇନଜୀବୀ ଭାବରେ ଓଡ଼ିଶାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର ପ୍ରିୟଙ୍କା ଆନନ୍ଦ ତାଙ୍କର ଅଭିଭାଷଣରେ କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସମସ୍ୟାର ବିଭିନ୍ନ ବାସ୍ତବ ଜୀବନର ଉଦାହରଣ ଉପରେ ବର୍ଣ୍ଣନା କରିଥିଲେ । ତାଙ୍କର ଭାଷଣ କର୍ମକ୍ଷେତ୍ରରେ ମହିଳାଙ୍କ ଅଧିକାର ଏବଂ ସମ୍ମାନ ରକ୍ଷା କରିବାରେ ଏକ ସାମୂହିକ ପ୍ରୟାସର ଗୁରୁତ୍ୱକୁ ଦୃଷ୍ଟାନ୍ତ କରିଥିଲା । ଏହି ସମାରୋହରେ ବେସରକାରୀ ସଂସ୍ଥା ‘ଆସ୍ଥା’ର ସମ୍ପାଦକ ଡକ୍ଟର ମମତା ଦାସ ଏବଂ ପୂର୍ବତନ ଓଡିଶା ମହିଳା କମିଶନ ସଦସ୍ୟା ତଥା ଆସ୍ଥାର ସଦସ୍ୟା ସୁଶ୍ରୀ ସ୍ନେହାଞ୍ଜଳୀ ମହାନ୍ତି ସେମାନଙ୍କର ଅଭିଭାଷଣରେ ଯୌନ ଉତ୍ପୀଡ଼ନର ବାସ୍ତବତା ତଥା ସମ୍ଭାବ୍ୟ ସମାଧାନର ବାସ୍ତବତା ସମ୍ପର୍କରେ ମତାମତ ଦେଇଥିଲେ । ପୂର୍ବତଟ ରେଳପଥ ଏହାର ସମସ୍ତ କର୍ମଚାରୀଙ୍କ ପାଇଁ ଏକ ନିରାପଦ, ସମାବେଶୀ ଏବଂ ନିର୍ଯ୍ୟାତନା ମୁକ୍ତ ପରିବେଶ ପ୍ରତିପାଦନ କରିବାରେ ଏକ ଅଗ୍ରଣୀ ଭୂମିକାକୁ ନିଶ୍ଚିତ କରିବା ପାଇଁ ଏହି କର୍ମଶାଳା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ।

# ଏସସିବିର ପାର୍କିଂ ସମସ୍ୟା ଦୂର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**
କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହସ୍ପିଟାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲରେ ପରିଣତ କରିବା କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି । ଏହି ହସ୍ପିଟାଲ ଉପରେ କେବଳ କଟକ ସହର କି ଓଡ଼ିଶା ନୁହେଁ, ପଡ଼ୋଶୀ ରାଜ୍ୟଗୁଡ଼ିକରୁ ମଧ ରୋଗୀମାନେ ଆସୁଛନ୍ତି ଏବଂ ବହୁଳ ମାତ୍ରାରେ ନିର୍ଭର ମଧ କରୁଛନ୍ତି । ଏଠାରେ ଉଚ୍ଚମାନର ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଣର ବ୍ୟବସ୍ଥା କରାଯାଉଥିବାରୁ ସାଧାରଣ ଗରିବ ରୋଗୀମାନେ ଏହା ଉପରେ ସର୍ବଦା ନିର୍ଭର କରିଥାନ୍ତି । ତେବେ ବର୍ତ୍ତମାନ ସମୟରେ ପାର୍କିଂ ଏହାର ମୁଖ୍ୟ ସମସ୍ୟା ପାଲଟିଛି । ପୂର୍ବରୁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଆରମ୍ଭ କରାଯାଇଥିବା ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ସହରର ଡାହାଣ ପାର୍ଶ୍ୱରେ ଥିବା ମହାନଦୀ ପଠାରେ ପାର୍କିଂ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ରହିଥିଲା । ତେବେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) ଏହାକୁ ଅନୁମତି ଦେଇନଥିବାରୁ ଏତେ ବଡ଼ ହସ୍ପିଟାଲ ପାଇଁ ଗୁରୁତର ଭାବେ ପାର୍କିଂ ସମସ୍ୟା ଉପୁଜିବାର ଆଶଙ୍କା ପ୍ରକାଶ ପାଇଛି । ଏ ଦିଗରେ ବର୍ତ୍ତମାନର




ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ବିକଳ୍ପ ପଦକ୍ଷେପ ଗ୍ରହଣ କରିବାକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମଙ୍ଗଳବାର ବିଧାନସଭାରେ ଏକ ସବମିଶନ ଜରିଆରେ ନିବେଦନ କରିଛନ୍ତି ।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଚାଷୀମାନଙ୍କୁ ପ୍ରିମିୟମ ‘ବେଦମ୍ରିତ ମହୁ’ ଲଞ୍ଚ କରିବାରେ ସାହାଯ୍ୟ କରିଛି

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**
ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ କୃଷକମାନେ ଲାଇକେରା ହନିଫେଡ୍ କୃଷକ ଉତ୍ପାଦକ ସଂଗଠନ ଅଧୀନରେ କାର୍ଯ୍ୟ କରୁଥିବା ଲାଇକେରାର କୁଶଳୀ ମହୁ ଚାଷୀଙ୍କ ଦ୍ୱାରା ନିର୍ମିତ ଏକ ପ୍ରିମିୟମ, ୧୦୦% ପ୍ରାକୃତିକ ମହୁକୁ ଉନ୍ମୋଚନ କରାଯାଇଛି । ଲାଇକେରାର ପଂଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି, ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଏକତ୍ରିତ ହୋଇ ନିରନ୍ତର ଜୀବିକା ତଥା ପରିବେଶ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥିଲେ । ଶୁଭଲକ୍ଷ୍ମୀସମବାୟଅଧୀନରେଏହି ପଦକ୍ଷେପ ସ୍ଥାନୀୟ କୃଷକମାନଙ୍କୁ ଆଧୁନିକ ମହୁମାଛି ଅଭ୍ୟାସ ସହିତ ସଶକ୍ତ କରିଛି, ସେମାନଙ୍କୁ ଉଚ୍ଚମାନର ମହୁଫେଣା ବାକ୍ସ, ମହୁମାଛି ଏବଂ ମହୁ ପାଳନରେ ବ୍ୟାପକ ତାଲିମ ପ୍ରଦାନ କରାଯାଇଛି । ୧୦୦ ରୁ ଅଧିକ ସ୍ଥାନୀୟ ମହୁମାଛି କୃଷକମାନେ ମାଗଣା ତାଲିମ ଲାଭ



କରିଥିଲେ, ସାମୂହିକ ଭାବରେ ନିର୍ମଳ, ଅପରିଷ୍କୃତ ମହୁ ଉତ୍ପାଦନ କରୁଥିବାବେଳେ ଏହିପରି ସ୍ଥାୟୀ ଚାଷ ପ୍ରଣାଳୀ ମାଧ୍ୟମରେ ଏହି ଅଂଚଳର ପରିବେଶ ସନ୍ତୁଳନରେ ମଧ ସହଯୋଗ କରିବ । ବେଦାନ୍ତ ମଧ ବଜାର ସଂଯୋଗକୁ ସୁଗମ କରିଥାଏ, ଏହି କୃଷକମାନଙ୍କୁ ସେମାନଙ୍କର ଉତ୍ପାଦକୁ ଏକ ବୃହତ ଗ୍ରାହକ ଆଧାରରେ ବିକ୍ରୟ କରିବାକୁ ସକ୍ଷମ କରିଛି । ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି ଯେ, ବେଦମ୍ରିତ ମହୁ ଅଭିନବ ତଥା ପ୍ରଭାବଶାଳୀ ଜୀବିକା ପ୍ରଣାଳୀ ମାଧ୍ୟମରେ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ ଆମର ପ୍ରତିବଦ୍ଧତାର ପ୍ରତିଫଳନ । ଏହି ପ୍ରକଳ୍ପ ଜୈବ ବିବିଧତାକୁ ମଧ ବୃଦ୍ଧି କରିଥାଏ ଏବଂ କୃଷି ଉତ୍ପାଦନକୁ ଦୃଢ କରିଥାଏ । ବେଦାନ୍ତରେ ଆମ ସମସ୍ତଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ, ଲାଇକେରାର ମହୁମାଛି ଚାଷୀଙ୍କ ଉତ୍ସର୍ଗୀକୃତ ଫଳାଫଳ, ଆର୍ଥିକ ସଶକ୍ତିକରଣ ଏବଂ ସମାଜ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବ । ଶ୍ରୀମତୀ ସଞ୍ଜୁଲତା ନାୟକ, ସଚିବ, ଲାଇକେରା ହନି ଫେଡ ଏଫପିଓ ଏହି ଉଦ୍ୟମକୁ ପ୍ରଶଂସା କରି କହିଛନ୍ତି, “ମହୁମାଛି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ଯାହା କେବଳ ଚାଷୀଙ୍କୁ ଅତିରିକ୍ତ ଆୟର ଉତ୍ସ ଯୋଗାଇ ନଥାଏ ବରଂ ପରିବେଶରେ ମଧ ବିଶେଷ ଅବଦାନ ଦେଇଥାଏ, ଯାହା କୃଷି ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପଦକ୍ଷେପରେ ବେଦାନ୍ତର ସମର୍ଥନ ଏକ ଆଦର୍ଶ ହୋଇପାରିଛି ଏବଂ ମୁଁ ଆଶା କରୁଛି ଯେ ଏହା ସମଗ୍ର ରାଜ୍ୟରେ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଜୀବିକା ପ୍ରକଳ୍ପ ପାଇଁ ଏକ ମଡେଲ ହେବ । ” ନିଜର ଅଭିଜ୍ଞତା ବାଂଟି ଲାଏକେରାର ମହୁମାଛି କୃଷକ ହରିଶ ପଟେଲ କୃତଜ୍ଞତା ଜଣାଇ କହିଛନ୍ତି, “ପୂର୍ବରୁ ସ୍ଥିର ଆୟ ସୁଯୋଗ ପାଇବାରେ ଆମେ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ । ଆମକୁ ମହୁମାଛି ପ୍ରଶିକ୍ଷଣ ଦେବା ଏବଂ ଆବଶ୍ୟକ ସମ୍ବଳ ଯୋଗାଇବାରେ ବେଦାନ୍ତର ସମର୍ଥନ ସହିତ, ବର୍ତ୍ତମାନ ଆମର ଜୀବିକାର ଏକ ନିର୍ଭରଯୋଗ୍ୟ ଉତ୍ସ ଅଛି । ବେଦମ୍ରିତ ମହୁର ଶୁଭାରମ୍ଭ ଆମକୁ ଆତ୍ମବିଶ୍ୱାସ ପ୍ରଦାନ କରିଛି, ଯେ ଆମର କଠିନ ପରିଶ୍ରମ ଗ୍ରାହକଙ୍କ ନିକଟରେ ପହଂଚିବ ଯେଉଁମାନେ ଶୁଦ୍ଧ ଏବଂ ପ୍ରାକୃତିକ ଦ୍ରବ୍ୟକୁ ଗୁରୁତ୍ୱ ଦିଅନ୍ତି ଏବଂ ଏହା ଆମ ତଥା ଆମ ପରିବାରର ଉନ୍ନତି କରିବାରେ ସାହାଯ୍ୟ କରିବ । ”

ଭୁବନେଶ୍ୱର
୧୧ ଡିସେମ୍ବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ଏଲ୍ଆଇସି ବୀମା ସଖୀ ଯୋଜନା ଆରମ୍ଭ କଲେ ମୋଦି

# ଦଶମ ପାସ୍ ମହିଳାଙ୍କୁ ମାସକୁ ମିଳିବ ୭ ହଜାର



ନୂଆଦିଲ୍ଲୀ, ୧୦/୧୨

ଏଲ୍ଆଇସି ବୀମା ସଖୀ ଯୋଜନାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଯୋଜନା ଅଧୀନରେ ଚୟନ ହୋଇଥିବା ଦଶମ ପାସ୍ ମହିଳାଙ୍କୁ ମାସିକ ୭ ହଜାର ଟଙ୍କା ଦରମା ସହିତ ମିଳିବ କମିଶନ । ଏଥିସହ ସେମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଦିଆଯିବ ବୀମା ଏଜେଣ୍ଟ ତାଲିମ । ତେବେ ପାନିପତରୁ ଏଲ୍ଆଇସି ବୀମା ସଖୀ ଯୋଜନାର ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ମହିଳାଙ୍କୁ ଆତ୍ମନିର୍ଭର କରାଇବା । ୧୮ ବର୍ଷରୁ ଆରମ୍ଭ କରି ୭୦ ବର୍ଷ ବୟସ ପର୍ଯ୍ୟନ୍ତ ଯେକୌଣସି ମହିଳା ଏ ଯୋଜନା ପାଇଁ ଆବେଦନ କରିପାରିବେ । ଏଲ୍ଆଇସିର ନିକଟସ୍ଥ ଶାଖା କିମ୍ବା ଅଫିସିଆଲ ୱେବ୍ସାଇଟ୍ରେ ଏଥିପାଇଁ ଆବେଦନ କରାଯାଇପାରିବେ । ଆବେଦନ କରିବା ପାଇଁ ବୟସ ପ୍ରମାଣପତ୍ର, ଆଡ୍ରେସ ପ୍ରୁଫ୍ ଏବଂ ଦଶମ ପାସ୍ ସାର୍ଟିଫିକେଟ୍ର ସେଲ୍ଫ ଆଟେଷ୍ଟେଡ୍ କପି ଆଟାଚ୍ କରିବାକୁ ହେବ। ଯୋଜନା ଅଧୀନରେ ଚୟନ ହୋଇଯିବା ପରେ ୩ ବର୍ଷର ତାଲିମ ଅବସରରେ ପ୍ରଥମ ବର୍ଷ ୭ ହଜାର, ଦ୍ୱିତୀୟ ବର୍ଷ ୬ ହଜାର ଏବଂ ତୃତୀୟ ବର୍ଷ ୫ ହଜାର ଟଙ୍କା ମାସିକ ଦରମା ଦିଆଯିବ । ପ୍ରତି ବୀମା ସହିତ ମହିଳାମାନଙ୍କୁ କମିସନ ବି ମିଳିବ । ବୀମା ଟାର୍ଗେଟ ପୂରଣ କଲେ ସେମାନଙ୍କୁ ଦରମା ଏବଂ କମିଶନ ସହ ବୋନସ୍ ବି ଦିଆଯିବ। ଏଲ୍ଆଇସି ବୀମା ସଖୀ ଯୋଜନା ଅଧୀନରେ ଦେଶବ୍ୟାପୀ ୨ ଲକ୍ଷ ମହିଳାଙ୍କୁ ଚୟନ କରାଯାଇ ସେମାନଙ୍କୁ ଏଲ୍ଆଇସି ଏଜେଣ୍ଟ ତାଲିମ ଦିଆଯିବ । ଯୋଜନାର ପ୍ରଥମ ପର୍ଯ୍ୟାୟରେ ୩୫ ହଜାର ମହିଳାଙ୍କୁ ବୀମା ଏଜେଣ୍ଟ ଭାବେ ରୋଜଗାର ଦିଆଯିବ । ଏହା ପରେ ଆଉ ୫୦ ହଜାର ମହିଳାଙ୍କୁ ଯୋଜନା ଅନ୍ତର୍ଗତ ରୋଜଗାର ମିଳିବ । ଯେଉଁ ମହିଳା ବା ବୀମାସଖୀ ଗ୍ରାଜୁଏଟ୍ ହୋଇଥିବେ, ସେମାନଙ୍କୁ ଏଲ୍ଆଇସିରେ ଡେଭଲପ୍ମେଣ୍ଟ ଅଫିସରର ଭୂମିକାରେ କାର୍ଯ୍ୟ କରିବାର ବି ସୁଯୋଗ ମିଳିବ । କୌଣସି ଏଲ୍ଆଇସି ଏଜେଣ୍ଟ ବା କର୍ମଚାରୀଙ୍କ ସମ୍ପର୍କୀୟ ଏ ଯୋଜନା ପାଇଁ ଆବେଦନ କରିପାରିବେ ନାହିଁ । ଏଲ୍ଆଇସିର କୌଣସି ପୂର୍ବତନ କର୍ମଚାରୀ, ପୂର୍ବ ଏଜେଣ୍ଟ ଅବା ବର୍ତ୍ତମାନର ଏଜେଣ୍ଟମାନଙ୍କ ଆବେଦନ ବି ଏହା ଅଧୀନରେ ଖାରଜ କରି ଦିଆଯିବ ।



ଭୁବନେଶ୍ୱର : କିଟ୍ ଓ କିସ୍ ପ୍ରତି ସଦିଚ୍ଛା ଓ ଆଶୀର୍ବାଦ ରଖି ଆସିଥିବା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ନିକଟରେ ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ସ୍ୱାଗତ ଓ ସମ୍ବର୍ଦ୍ଧିତ କରୁଛନ୍ତି କିଟ୍ ଓ କିସ୍ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ। (ଫଟୋ : ସମ୍ବାଦ କଳିକା)

# ଆଠଗଡ଼ ଜନପ୍ରତିନିଧିଙ୍କୁ ନବୀନଙ୍କ ପରାମର୍ଶ-ଲୋକଙ୍କ ସେବା କର



ଭୁବନେଶ୍ୱର, ୧୦/୧୨ନ୍ୟୁଜ ବ୍ୟୁରୋ

ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀର ୯୦ରୁ ଊର୍ଦ୍ଧ୍ୱ ନିର୍ବାଚିତ ଜନପ୍ରତିନିଧି ବୃନ୍ଦ ବିଜୁ ଜନତା ଦଳର ସଭାପତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଠାରେ ଭେଟି ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀର ବିକାଶଧାରା ଓ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ଦଳର ସଭାପତି ଜନ ପ୍ରତିନିଧିମାନଙ୍କ ସହିତ ସାକ୍ଷାତ କରି ଲୋକଙ୍କ ପାଇଁ କରୁଥିବା ସେବା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ବିଜୁ ଜନତା ଦଳ ସରକାର ସମୟରେ ହୋଇଥିବା ଭଲ କାମ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜେଡି ସରକାରଙ୍କ ଯୋଜନା ଅନ୍ୟମାନଙ୍କ ପାଇଁ ମଡ଼େଲ ହୋଇଛି । ଭାରତ ସରକାର ବି ଆମର ଅନେକ ଯୋଜନା ଆପଣାଇଛନ୍ତି । ଭୋଟ ବ୍ୟାଙ୍କ ସୃଷ୍ଟି କରିବା କେବେ ବି ବିଜେଡି ସରକାରର ଲକ୍ଷ୍ୟ ନଥିଲା । ବିକାଶ ଓ କଲ୍ୟାଣ ହେଉଛି ଆମର ଫୋକସ ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ତାଙ୍କ ସରକାର ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣ ଯୋଜନାରୁ ଓଡିଶାବାସୀଙ୍କୁ କେହି ବଞ୍ଚିତ କରିପାରିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ପୂର୍ବରୁ ଜନପ୍ରତିନିଧିମାନେ ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନ ଠାରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭ୍ୟ ସଂଗ୍ରହ ଅଭିଯାନ ବୈଠକରେ ଭାଗ ନେଇଥିଲେ । ଏହି ପ୍ରତିନିଧି ଦଳରେ କଟକ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ମିଶ୍ର, ନରସିଂହପୁର ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ନରସିଂହପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଜୁ ଜନତା ଦଳର ସମ୍ପାଦକ ସଦାନନ୍ଦ ସ୍ୱାଇଁ ତଥା ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଗୀତାଞ୍ଜଳୀ ପାତ୍ର, ଜୟଶ୍ରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ସରକାର ସମୟରେ ଅନେକ ଉନ୍ନତିମୂଳକ ପ୍ରକଳ୍ପ ମଞ୍ଜୁର ହୋଇ ତା'ର କାମ ଚାଲିଥିଲା ବେଳେ ନୂଆ ବିଜେପି ସରକାର ଏ ସମସ୍ତ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିଛନ୍ତି । ଏହାଛଡା ଲୋକ ପ୍ରତିନିଧିମାନଙ୍କ ଉପରେ ଅନେକ ଗୋଡାଣିଆ ଅମଲାତନ୍ତ୍ର ଦ୍ୱାରା ଚାପ ସୃଷ୍ଟି କରି ବିକାଶକୁ ଠପ୍ କରିଛନ୍ତି ଓ ବିଜେପିରେ ତାଙ୍କୁ ଯୋଗଦେବା ପାଇଁ ଚାପ ସୃଷ୍ଟି କରାଯାଉଛି । ଦୁଇ ବର୍ଷ ତଳେ ଗଣତାନ୍ତ୍ରିକ ଧାରାରେ ନିର୍ବାଚିତ ହୋଇ ଆସିଥିବା କିଛି ଜନପ୍ରତିନିଧି ଏଥିରେ ପ୍ରଭାବିତ ହୋଇଛନ୍ତି। ଏହା ସାମୟିକ । ଜନସାଧାରଣ ଓ ଗ୍ରାମବାସୀମାନେ ଏଥିରେ ଅସୁଖୀ ଅଛନ୍ତି ଓ ଏହି ଘଟଣାକୁ ନିନ୍ଦା କରୁଛନ୍ତି । ଏ ପ୍ରକାର ଅଭିସନ୍ଧିକୁ ପରାହତ କରି ଏକ ରହି ବଡ଼ମ୍ବା ନରସିଂହପୁରର ବିକାଶଧାରାକୁ ବଜାୟ ରଖିବା ପାଇଁ ଓ ଅବିଚାର ଅଭିସନ୍ଧିର ମୁକାବିଲା କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । ବଡ଼ମ୍ବା ନରସିଂହପୁର ନିର୍ବାଚନ ମଣ୍ଡଳୀରେ ନବୀନ ବାବୁଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରତିନିଧି ମଣ୍ଡଳୀ ନବୀନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଜନପ୍ରତିନିଧିଙ୍କ ପକ୍ଷରୁ ନିର୍ମଳ ଜେନା, ଅଶୋକ ଜଗଦେବ, ରାଜକିଶୋର ରାଉତ ଓ ଯଜାତି ନାୟକ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପରେ ଜନ ପ୍ରତିନିଧିମାନେ ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ ଓ ଏହାର ସଭାପତି ଶ୍ରୀ ପଟ୍ଟନାୟକଙ୍କ ଉପରେ ଦୃଢ଼ ଆସ୍ଥା ପ୍ରକଟ କରିବା ସହିତ ବିଜୁ ଜନତା ଦଳ ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟକୁ ଏବେ ମଧ୍ୟ ଜନସାଧାରଣଙ୍କ ଆଦୃତ ହେଉଛି ବୋଲି ବକ୍ତବ୍ୟ ରଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ କଟକ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ମିଶ୍ର, ନରସିଂହପୁର ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ନରସିଂହପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ଜିଲ୍ଲାପରିଷଦ ସଦସ୍ୟ ରବୀନ୍ଦ୍ର ସାହୁ, ଅଜୟ ପଣ୍ଡା, ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଗୀତାଞ୍ଜଳି ପାତ୍ର ଓ ଜୟଶ୍ରୀ ବରାଳ ଇତ୍ୟାଦି ନିଜର ବକ୍ତବ୍ୟ ରଖିଥିଲେ। ବିଜେଡି ମୁଖପାତ୍ର ଓ ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ସାମ୍ବାଦିକ ସମ୍ମିଳନୀକୁ ସଂଯୋଜନା କରିବା ସହିତ ନିଜର ମତ ରଖିଥିଲେ।

# ଜଷ୍ଟିସ୍ ଶେଖର କୁମାରଙ୍କ ଆପତ୍ତିଜନକ ବୟାନ ଉପରେ ରିପୋର୍ଟ ମାଗିଲେ ସିଜେଆଇ



ନୂଆଦିଲ୍ଲୀ, ୧୦/୧୨

ଆହ୍ଲାବାଦ ହାଇକୋର୍ଟର ଜଜ୍ ଶେଖର କୁମାର ଯାଦବଙ୍କ ଆପତ୍ତିଜନତ ଟିପ୍ପଣୀ ଉପରେ ସୁପ୍ରିମକୋର୍ଟ ଆକ୍ସନ ମୋଡକୁ ଆସିଛନ୍ତି । ଶେଖର କୁମାର ଯାଦବଙ୍କ ଦ୍ୱାରା ଦିଆଯାଇଥିବା ବୟାନକୁ ନେଇ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଉପରେ ସୁପ୍ରିମକୋର୍ଟ ସଜ୍ଞାନ ନେଇଛନ୍ତି । ଘଟଣା ଉପରେ ହାଇକୋର୍ଟଙ୍କୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ବିଶ୍ୱ ହିନ୍ଦୁ ପରିଷଦର ଲିଗାଲ୍ ସେଲ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ୍ ଶେଖର କୁମାର କହିଥିଲେ ଯେ ଦେଶର ଆଇନ ବହୁସଂଖ୍ୟକଙ୍କ ହିସାବରେ ଚାଲିବ । କାରଣ ଘର ହେଉ ବା ସମାଜ ବହୁମତକୁ ଗ୍ରହଣ କରାଯାଏ । ଏହା ବ୍ୟତୀତ ସେ ଦେଶର ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁଙ୍କ ପାଇଁ କଠମୁଲ୍ଲା ଶବ୍ଦ ମଧ୍ୟ ପ୍ରୟୋଗ କରିଥିଲେ । ଜଜ୍ଙ୍କ ଏଭଳି ଟିପ୍ପଣୀ ଉପରେ ଆଇନଜୀବୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଆପତ୍ତି ଉଠାଇଥିଲେ । ଉଲ୍ଲେଖଯୋଗ୍ୟ ଯେ ଜଷ୍ଟିସ୍ ଶେଖର କୁମାର ଯାଦବ ପ୍ରୟାଗରାଜରେ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକ୍ରମରେ ୟୁସିସି ଉପରେ ଭାଷଣ ଦେଇଥିଲେ । ଜଜ୍ ଶେଖର ଯାଦବ ମୁସଲମାନଙ୍କ ନାଁ ନନେଇ କହିଥିଲେ, 'ଅନେକ ପତ୍ନୀ ରଖିବା, ଟ୍ରିପଲ୍ ତଲାକ୍ ଏବଂ ହଲାଲା ପରି ପ୍ରଥା ଗ୍ରହଣୀୟ ନୁହେଁ । ଯଦି ପର୍ସନାଲ ଲ' ଏପରି ଅନୁମତି ଦେଉଛି ବୋଲି କହିବେ, ତେବେ ବି ଏହାକୁ ଗ୍ରହଣ କରାଯିବ ନାହିଁ। ଆପଣମାନେ ସେହି ମହିଳାଙ୍କୁ ଅପମାନିତ କରିପାରିବେ ନାହିଁ, ଯାହାଙ୍କୁ ଆମ ଶାସ୍ତ୍ର ଏବଂ ବେଦରେ ଦେବୀଙ୍କ ମାନ୍ୟତା ଦିଆଯାଇଛି ।' ସୁପ୍ରିମକୋର୍ଟ ଖବରକାଗଜରେ ପ୍ରକାଶିତ ରିପୋର୍ଟକୁ ଆଧାର କରି ଆକ୍ସନକୁ ଆସିଛନ୍ତି । ଏହି ସବୁ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କୁ ଶେଖର କୁମାର ଯାଦବଙ୍କ ବୟାନ ସହ ଜଡ଼ିତ ପୂରା ତଥ୍ୟ ଦେବା ପାଇଁ କହିଛନ୍ତି । ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି । ଏହି ଘଟଣାରେ କ୍ୟାମ୍ପେନ ଫର୍ ଜୁଡିସିଆଲ୍ ଆକାଉଣ୍ଟିବିଲିଟି ଆଣ୍ଡ ରିଫର୍ମ (ସିଜେଏଆର) ନାମକ ସଂସ୍ଥା ଜଷ୍ଟିସ୍ ଶେଖର କୁମାର ଯାଦବଙ୍କ ବିରୋଧରେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଚିଠି ଲେଖିଛନ୍ତି । ଜଷ୍ଟିସ୍ ଯାଦବଙ୍କ ଦ୍ୱାରା ଦିଆଯାଇଥିବା ବୟାନ କ୍ଷମଣୀୟ ନୁହେଁ ବୋଲି କୁହାଯାଇଥିଲା । ଚିଠିରେ ଲେଖାଯାଇଥିଲା, 'ଏପରି ବୟାନରୁ ସାଧାରଣ ଲୋକଙ୍କ ମନରେ ନ୍ୟାୟପାଳିକାର ସ୍ୱାୟତ୍ତ ଏବଂ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୁଏ । ତେଣୁ ଏହି ମାମଲାରେ ଆକ୍ସନ ନିଆଯିବାର ଆବଶ୍ୟକତା ରହିଛି ।'

## ବିଶ୍ୱ ମାନବ ଅଧିକାର ଦିବସ ପାଳିତ

# ଅନେକ ଲୋକ ସେମାନଙ୍କ ଅଧିକାର ବିଷୟରେ ଅଜ୍ଞ : ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୧୦/୧୨
ନ୍ୟୁଜ ବ୍ୟୁରୋ



ପ୍ରତିବର୍ଷ ୧୦ ଡିସେମ୍ବରରେ ପାଳିତ ହେଉଥିବା ବିଶ୍ୱ ମାନବ ଅଧିକାର ଦିବସ ସମସ୍ତ ମାନବ ସମ୍ପ୍ରଦାୟଙ୍କ ମୂଳଭୂତ ଅଧିକାର ସୁରକ୍ଷା, ସମାନତା, ସ୍ୱାଧୀନତା ଏବଂ ମର୍ଯ୍ୟାଦା ପ୍ରତି ସଚେତନତା ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ। ମାନବାଧିକାର ଆଇନ, ୧୯୯୩ର ସଠିକ ରୂପାୟନ ଓ କାର୍ଯ୍ୟକାରିତା ପୂର୍ବରୁ ସମଗ୍ର ଭାରତ ବର୍ଷ ମାନବ ଅଧିକାରର ପ୍ରାସଙ୍ଗିକତାକୁ ଉପଲବ୍ଧି କରିଛି ବୋଲି କହିଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ । ମଙ୍ଗଳବାର ସନ୍ଧ୍ୟାରେ ଜୟଦେବ ଭବନ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟାଧିଶ ଚକ୍ରଧାରୀ ଶରଣ ସିଂ କହିଲେ ଯେ ଅନେକ ଲୋକ ସେମାନଙ୍କ ଅଧିକାର ବିଷୟରେ ଅଜ୍ଞ । ସେମାନଙ୍କୁ ସଚେତନ କରାଇବା ସହିତ ସମାଜରେ ଯେଉଁମାନେ ଅଧିକାର ଚ୍ୟୁତ ହେଉଛନ୍ତି, ସେମାନଙ୍କ ନିମନ୍ତେ ଏକ ସୁରକ୍ଷିତ ଓ ସମାନ ମଞ୍ଚ ପ୍ରଦାନ କରିବା ଆମର ଦାୟିତ୍ୱ। ମାନବ ଅଧିକାର ଦିବସକୁ ଗୋଟିଏ ଦିନର କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ପରିବ୍ୟାପ୍ତ କରିବା ଦରକାର । ଏକ ନିୟମିତ ସଚେତନତା କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ନାଗରିକ ଯେପରି ଆୟୋଗର କାର୍ଯ୍ୟଧାରାକୁ ହୃଦୟଙ୍ଗମ କରିବେ ସେ ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ଏଥିପାଇଁ ଜଷ୍ଟିସ ଶ୍ରୀ ଶରଣ ସିଂ ତାଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥିଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ବିଶ୍ୱ ମାନବ ଅଧିକାର ଦିବସ ଯେଉଁ ଉଦ୍ଦେଶ୍ୟରେ ପାଳନ କରା ଯାଉଛି ଆମ ସମ୍ବିଧାନ ଆମମାନଙ୍କୁ ସେହି ଅଧିକାର ପ୍ରଦାନ କରିଛି। ଆଜିର ଦିବସର ତାତ୍ପର୍ଯ୍ୟ ହେଲା ସାଧାରଣ ମଣିଷକୁ ତା'ର ଅଧିକାର ସାଙ୍ଗରେ ପରିଚିତ କରାଇବା । ଆଜିର ଦିବସ ବାର୍ତ୍ତା ଆମକୁ ଏହା ବୁଝାଏ ଯେ, ସମସ୍ତ ମାନବ ସମାନ ଅଧିକାର ସହ ବଞ୍ଚିବା ଜରୁରୀ । କୌଣସି ଭାଷା, ଧର୍ମ, ଜାତି, ଲିଙ୍ଗ କିମ୍ବା ରଙ୍ଗ ଦ୍ୱାରା ମାନବ ଅଧିକାର ଉଲଂଘନ ନ ହେଉ, ଆମମାନଙ୍କୁ ଏହା ସୁନିଶ୍ଚିତ କରିବାକୁ ହେବ । ଲୋକମାନେ ଧୀରେ ଧୀରେ ହୃଦୟଙ୍ଗମ କରୁଛନ୍ତି ଯେ ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ଏକ ବିଷୟ ଯାହା ମାନବ ଅଧିକାର ଆୟୋଗ ଦ୍ୱାରା ସମାଧାନ କରାଯାଇ ପାରିବ।

ଓଡ଼ିଶା ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୁଜାହାରୀ ତାଙ୍କ ବକ୍ତବ୍ୟରେ ବସୁଧୈବ କୁଟୁମ୍ବକମ୍ ନୀତି ପାଇଁ ମାନବ ଅଧିକାର ଜରୁରୀ ବୋଲି କହିବା ସହ ସ୍ୱାଧୀନ ଭାବେ ବଞ୍ଚିବା ଆମ ଜନ୍ମଗତ ଅଧିକାର ବୋଲି କହିଥିଲେ । ଆମେ ମାନବ ଅଧିକାର ରକ୍ଷା ପାଇଁ ସବୁ ଲୋକଙ୍କ ସହ ଏକତାବଦ୍ଧ ହୋଇ କାମ କରିବାର ପ୍ରତିଜ୍ଞା କରିବା ଉଚିତ । ଆୟୋଗର ହସ୍ତକ୍ଷେପ ଦ୍ୱାରା ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଦୃଷ୍ଟାନ୍ତମୂଳକ ଉନ୍ନତି ଘଟିଛି । ଯେଉଁଠାରେ ମାନବ ଅଧିକାରର ସୁରକ୍ଷା ତଥା ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀର ମୌଳିକ ସ୍ୱାଧୀନତାକୁ ସମାଧାନ କରାଯାଇ ପାରୁଛି । ମାନବ ଅଧିକାର ଆୟୋଗ ଶାସନକୁ ସୁଗମ କରିବା ପାଇଁ ଉଦ୍ଦିଷ୍ଟ । ସମ୍ମାନିତ ଅତିଥିଭାବେ ଓଡ଼ିଶା ମାନବ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ଏବଂ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ମାନବ ଅଧିକାର ପାଇଁ ନିର୍ଭୟ ହୋଇ ସ୍ୱର ଉଠାନ୍ତୁ ଏବଂ ସମାଜକୁ ନ୍ୟାୟବନ୍ତ କରାଇବା ସହିତ ଲୋକମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅଧିକାର ହାସଲ କରିବାକୁ କାୟମନୋବାକ୍ୟରେ ସମସ୍ତ ମାନବାଧିକାର କର୍ମୀ ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ମାନବ ଅଧିକାର ଆୟୋଗର ରେଜିଷ୍ଟ୍ରାର ତଥା ଭାରପ୍ରାପ୍ତ ସଚିବ ସ୍ୱିଟି ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମାବେଶର ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଡା. ନୀଳମାଧବ ରଥ ଓ ଆଶାକର୍ମୀ ଶିବାନୀ ମଣ୍ଡଳଙ୍କୁ ଏହି ଅବସରରେ ମାନବ ଜାତି ପ୍ରତି ସେମାନଙ୍କ ମୂଲ୍ୟବାନ ସେବା ପାଇଁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବର୍ତ୍ତମାନ ଓ ପୂର୍ବତନ ବିଚାରପତି, ଆଇନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗୀୟ ମୁଖ୍ୟ, ନ୍ୟାୟିକ ଅଧିକାରୀ, ଆୟୋଗର ସମସ୍ତ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ସାମ୍ବାଦିକ, ସମସ୍ତ ମାନବାଧିକାର କର୍ମୀ ଯୋଗ ଦେଇଥିଲେ।

# ୧୦ ବର୍ଷରେ ଗଲାଣି ୮୫୭ ହାତୀଙ୍କ ଜୀବନ



ଭୁବନେଶ୍ୱର, ୧୦।୧୨ ନ୍ୟୁଜ ବ୍ୟୁରୋ

୧୦ ବର୍ଷରେ ମଲେଣି ୮୫୭ ହାତୀ। ସେଥି ମଧ୍ୟରୁ ୩୦୫ ହାତୀ ରୋଗର ଶିକାର ହୋଇ ମୃତ୍ୟୁ ଘଟିଛି। ସେହିପରି ୧୪୯ ହାତୀ ବିଦ୍ୟୁତ ଆଘାତରେ ଓ ପ୍ରାକୃତିକ କାରଣରୁ ୨୨୯ ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ଶିକାର ଦ୍ୱାରା ୩୦ ହାତୀ, ରେଳ ଦୁର୍ଘଟଣାରେ ୨୯, ପ୍ରତିହିଂଶା ପରାୟଣ ଦ୍ୱାରା ୧୬ ହାତୀଙ୍କ ମୃତ୍ୟୁ ଘଟିଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି। ୨୦୨୪ ନଭେମ୍ବର ସୁଦ୍ଧା ରାଜ୍ୟରେ ହାତୀ ସଂଖ୍ୟା ରହିଛି ୨୧୦୩ । ୨୦୧୫ ରେ ଥିଲେ ୧୯୫୪ ହାତୀ, ୨୦୧୭ ରେ ସଂଖ୍ୟା ବଢି ୧୯୭୬ ପହଁଚିଥିଲା । ଆଉ ୨୦୨୪ ରେ ସଂଖ୍ୟା ବଢି ୨୦୯୮ ଟି ହାତୀ ରହିଥିବା ହାତୀ ଗଣନା ରିପୋର୍ଟ ଆଧାରରେ ଜଣାପଡିଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ।

# ମରଶରୀର ଆଣିବା ପାଇଁ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ

ଭୁବନେଶ୍ୱର, ୧୦/୧୨ ନ୍ୟୁଜ ବ୍ୟୁରୋ

**ଓମାନରେ ଛାତ ଭୁଶୁଡ଼ି ଓଡିଆ ଶ୍ରମିକ ମୃତ**

ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓମାନରେ ଛାତ ଭୁଶୁଡି ମୃତ ଓଡ଼ିଆ ଯୁବକ ବିପିନ ବିହାରୀ ସ୍ୱାଇଁଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ଓମାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ଶୁକଦେବ ସ୍ୱାଇଁଙ୍କ ପୁଅ ବିପିନ ବିହାରୀ ସ୍ୱାଇଁ ଓମାନର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଡିସେମ୍ବର ୮ ତାରିଖରେ ଏକ ପ୍ରକଳ୍ପରେ କାମ କରୁଥିବା ବେଳେ ଦୁର୍ଭାଗ୍ୟ ବଶତଃ ଏକ କୋଠାର ଛାତ ଭୁଶୁଡି ସେ ମୃତ୍ୟୁ ବରଣ କରିଥିବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ବିପିନଙ୍କ ପିତା ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ସହ ବକେୟା ପ୍ରାପ୍ୟ ଯୋଗାଇଦେବାକୁ ନିବେଦନ କରିଛନ୍ତି ।


